

# ଆନ୍ତର୍ଯ୍ୟାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳିତ




ଗଞ୍ଜାମ,୧୬।୧୦ :(ମନ୍ଥନ)କେନ୍ଦ୍ର ସରକାର ଙ୍କ ଯୁବ ବ୍ୟାପର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବ ଭାରତ ଓ ଗଞ୍ଜାମ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ର ମିଳିତ ଆନୁକୂଲ୍ୟରେ ଆନ୍ତର୍ଯ୍ୟାତିୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳିତ ହୋଇଯାଇଛି ।ଗଞ୍ଜାମ ସହର ସ୍ଥିତ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା, ଓଡିଶା ସାମ୍ବାଦିକ ସଙ୍ଘ ର ରାଜ୍ୟ ମହିଳା ଆବାହିକା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାନ୍ତୁଡ଼ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଓଡିଶା ସାମ୍ବାଦିକ ସଙ୍ଘ ର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ଓ ଏସ ଏ ପି ଅଷ୍ଟମ ବାଟାଲିୟନ ର ଡେପୁଟି କମାଣ୍ଡେଣ୍ଟ ଯଶୋବନ୍ତ ସେଠି ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଶିଖ୍ୟାନୁଷ୍ଟାନର ମୁଖ୍ୟ ପରିଚାଳକ ତଥା ବିଶିଷ୍ଟ ସମାଜସେବୀ ମଙ୍ଗରାଜ ପଣ୍ଡା, ସମ୍ମାନିତ ଅତିଥି ଯଶୋଦା ମହାବିଦ୍ୟାଳୟ ର ଅଧକ୍ଷ ଆକାଶ ସାହୁ ପ୍ରମୁଖ ମଞ୍ଚାସିନ ହେବା ସହ ବିପର୍ଯ୍ୟୟ ସମୟରେ ସତର୍କତା ଅବଲମ୍ବନ କରି କିପରି ବିପଦ କୁ ଏଡାଇ ଦିଆଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ବାଟାଲିୟନର ଇନିସ୍ପେକ୍ଟର ପ୍ରଦୀପ କୁମାର ଦଣ୍ଡପାଟ, ହାବିଲାଦାର ନିର୍ମଳ ଚନ୍ଦ୍ର ବେହେରା, ସିପାହୀ ପ୍ରଣୟ କୁମାର ଜେନା, ବିକାଶ ଭଦ୍ର ପାତ୍ର, ସାଲବେଗ ଜାନି, ବି. ଭିକି ରେଡି, ଗାଲବ ବିଶୋଇ, ସୂର୍ଯ୍ୟମଣି ଡାଙ୍ଗୁଆ, ସୁକାନ୍ତ ପଲାଇ, ଆର. ପ୍ରଫୁଲ ରେଡି, କେ. ଦେବରାଜ ରେଡି ପ୍ରମୁଖ ଓଡ୍ରାଫ ଟିମ ଯୋଗଦେଇ ବିଭିନ୍ନ କୌଶଳ ପ୍ରଦର୍ଶନ ପୂର୍ବକ ପିପର୍ଯ୍ୟୟ ସମୟରେ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ବିପର୍ଯ୍ୟୟ କୁନେଇ ଶିଖ୍ୟାନୁଷ୍ଟାନ ର ଛାତ୍ରୀ ମାନଙ୍କ ମାଧମରେ ଆୟୋଜିତ ବକ୍ତୃତା ଓ ଲିଖନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ସଦସ୍ୟ ରାଧା ରମଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଓଡ୍ରାଫ ପକ୍ଷରୁ ବିପର୍ଯ୍ୟୟ ସୁରକ୍ଷା ସାମଗ୍ରି ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିଖ୍ୟାନୁଷ୍ଟାନ ର ଅଧାପକ, ଅଧାପିକା, କର୍ମଚାରୀ ଓ ସମସ୍ତ ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ ।

# ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ: କାର୍ତ୍ତିକ ସଭାପତି ଓ ଶୁଭମ୍ ସମ୍ପାଦକ ଭାବେ ନିର୍ବାଚିତ

ନୟାଗଡ଼,୧୬।୧୦ :(ମନ୍ଥନ)ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନର ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇଛି। ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀମାନେ ବିଜୟୀ ହୋଇଥିବା ବେଳେ ମହାବିଦ୍ୟାଳୟ ପରିସରରେ ବିଜୟ ଉତ୍ସବ ପାଳନ କରାଯାଇଛି। ବିସିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ କାର୍ତ୍ତିକ ମହାନ୍ତି ୧୦୯୮ ଭୋଟ ପାଇ ନିଜର ନିକଟତମ ପ୍ରତିଦ୍ୱନ୍ଦୀ ଏବିଭିପି ସମର୍ଥିତ ପ୍ରାର୍ଥୀ ପାୟଲ ପ୍ରିୟଦର୍ଶିନୀ ପ୍ରଧାନ (୬୦୬ ଭୋଟ)ଙ୍କୁ ୪୯୨ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି ।ଉପସଭାପତି ଛାତ୍ର କଂଗ୍ରେସ ସମର୍ଥିତ ସୁନନ୍ଦା ଲେଙ୍କା ୯୯୩ ଭୋଟ ପାଇ ୩୧୨ ଭୋଟର ବ୍ୟବଧାନରେ ବିଜୟୀ ହୋଇଛନ୍ତି ।ସମ୍ପାଦକ ବିସିଜେଡି ସମର୍ଥିତ ପ୍ରାର୍ଥୀ ଶୁଭମ୍ ପ୍ରକାଶ ପଣ୍ଡା ୧୦୨୭ ଭୋଟ ପାଇ ୪୪୫ ଭୋଟ ଅଧିକରେ ନିର୍ବାଚିତ ହୋଇଛନ୍ତି ।ସହକାରୀ ସମ୍ପାଦକ ଜିତୁ ସାହୁ ୧୦୫୬ ଭୋଟ ପାଇ (୫୪୦ ଭୋଟ ଅଧିକ) ନିର୍ବାଚିତ ହୋଇଛନ୍ତି ।ଡ୍ରାମାଟିକ୍ ସୋସାଇଟି ସମ୍ପାଦକ ସାବିତ୍ରୀ ସାହୁ (୧୧୩୮ ଭୋଟ)ଡ୍ରାମାଟିକ୍ ସୋସାଇଟି ସହ-ସମ୍ପାଦକ ପ୍ରଭୁଦ୍ ପ୍ରୟାଗ ପ୍ରଧାନ (୧୧୧୮ ଭୋଟ) ଆଥ୍ ?ଲେଟିକ୍ କ୍ଲବ୍ ସମ୍ପାଦକ ମନସ୍ୱିନୀ ମହାପାତ୍ର (୧୨୩୬ ଭୋଟ) ଆଥ୍ ?ଲେଟିକ୍ କ୍ଲବ୍ ସହ-



ସମ୍ପାଦକ:ଞ୍ଚ ଅକ୍ଷୟ କୁମାର ଜେନା (୧୧୩୯ ଭୋଟ)ସାଇନ୍ସ ଆସୋସିଏଶନ୍ ସମ୍ପାଦକ:ଞ୍ଚ ବିକାଶ କୁମାର ସାହୁ (୫୫୦ ଭୋଟ)ସେହିପରି ଗ୍ଲାସ୍ ରିପ୍ରେଜେଣ୍ଟେଟିଭ୍ ଭାବେ ସୁଶାନ୍ତ ସିଂ (୫୭ ଭୋଟ) ନିର୍ବାଚିତ ହୋଇଥିବାବେଳେ ଅନ୍ୟ ୩ ଜଣ ଯଥା— ବିଷ୍ଣୁପ୍ରିୟା ବେହେରା, ସାୟନ ଷଣ୍ଢ, ରାଜେନ୍ଦ୍ର ଜେନା ଏବଂ ସାଇନ୍ସ ଆସୋସିଏଶନ୍ ସହ-ସମ୍ପାଦକ ଶିବାନୀ ସାହୁ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।ଫଳାଫଳ ଘୋଷଣା ପରେ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉଦିପନା ପରିବେଶ ଦେଖିବାକୁ ମିଳିଛି।

# ମା’ ବଗଳାମୁଖୀଙ୍କ ପୀଠରେ ଶାରଦୀୟ ପୂଜା

ପିପିଲି,୧୬।୧୦ :(ମନ୍ଥନ)ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁର ଗ୍ରାମ ସ୍ଥିତ ମା’ ବଗଳାମୁଖୀଙ୍କ ପୀଠରେ ଚାଲିଛି ନବଦିନାତ୍ମକ ଶାରଦୀୟ ପାର୍ବଣ ଉତ୍ସବ । ଦାଣ୍ଡମୁକୁନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳର ଅନନ୍ୟ ଶକ୍ତିପୀଠ ଭାବେ ପରିଚିତ ଏହି ଦେବୀପୀଠ ଏବେ ଚଣ୍ଡିପାଠରେ ମୁଖରିତ ହେଉଥିବା ବେଳେ ମନୋସ୍କାମନା ପୁରଣ ପାଇଁ ପ୍ରତ୍ୟହ ସଂନ୍ଧ୍ୟାରେ ମାନସୀକଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଏଠାରେ ବେଶ୍ ? ଭିଡ ପରିଲକ୍ଷିତ ହେଉଛି । ମା’ବଗଳାମୁଖୀଙ୍କ ନବଦିନାତ୍ମକ ପାର୍ବଣ ଉତ୍ସବ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ପୀଠର ମୁଖ୍ୟପଣ୍ଡିତ ଦେବାଶିଷ ନନ୍ଦଙ୍କ ତତ୍ତ୍ୱାବଧାନରେ ୪୮ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ନିର୍ବାହିତ ହେଉଅଛି । ଏହି ପ୍ରସିଦ୍ଧ ଶକ୍ତିପୀଠରେ ନବଦିନାତ୍ମକ ପୂଜାସ୍ତୋବ ସମୟରେ ନ’ଟି ବୋଧନ ଦ୍ରବ୍ୟରେ ଠାକୁରାଣୀ ସଂସ୍କାର ହୋଇଥାନ୍ତି । ଏହି ପୀଠରେ ପିତାମ୍ବରୀ ତନ୍ତ୍ର ବିଧାନରେ ଉତ୍କଳୀୟ ପଦ୍ଧତିରେ ମା’ ବଗଳାମୁଖୀଙ୍କର ନିତ୍ୟ ପୂଜା, ମଙ୍ଗଳ



ଆଳତୀ, ବେଦ ପଠନ, ସୂର୍ଯ୍ୟ ପୂଜା, ଶାଳା ପୂଜା, ରୁଦ୍ରାଭିଷେକ, ପଞ୍ଚସ୍ନାନ, ବୋଧନ, ବେଶ, ବଲ୍ଲଭ, ଚଣ୍ଡୀ ପାଠ, ମଧାହ୍ନ ଧୂପ, ଷୋଡଶପଚାର ପୂଜା ଓ ପହୁଡ ପରେ ସପ୍ତସପ୍ତୀ ଚଣ୍ଡୀ ପାଠ, ସଂନ୍ଧ୍ୟା ଆଳତି, ଷୋଡଶପଚାର ପୂଜା, ତର୍ପଣ, ମାର୍ଜନ, ଜପ, ହୋମ, ପୁଷ୍ପାଞ୍ଜଳୀ, କ୍ଷମାପନା, ସ୍ୱାତ ପଠନ, ଦଶବତାର ବେଶ ପରେ ପହୁଡ ନୀତି ସମାପନ ହୋଇଥାଏ ।ତପଃଷଷ୍ଠୀ ଠାରୁ ବିଜୟାଦଶମୀ ପର୍ଯ୍ୟନ୍ତ ମନ୍ଦିର ପରିସରରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଠାକୁରାଣୀଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥାନ୍ତି । ଏହି ଅବସରରେ ପୀଠ ପରିସରରେ ନବଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଅଛି । ବିଜୟାଦଶମୀ ଦିନ ଦଶଉପଚାରରେ ପୂଜା ହୋଇ ପୂର୍ଣ୍ଣହୁତି ସଂପନ୍ନ ହୁଏ ।ସେହି ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ସହ ସମସ୍ତ ଭକ୍ତଙ୍କ ପାଇଁ ମନ୍ଦିର ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି ।

# ଋଷିକୁଲ୍ୟା ମୁହାଣର ମତ୍ସ୍ୟଜୀବୀଙ୍କୁ ଇନସୁଲେଟେଡ୍ ଆଇସ୍ ବକ୍ସ ପ୍ରଦାନ

ଗଞ୍ଜାମ,୧୬।୧୦ :(ମନ୍ଥନ) ଋଷିକୁଲ୍ୟା ମୁହାଣ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ଜୀବିକାକୁ ସୁରକ୍ଷିତ ଓ ସୁଦୃଢ଼ କରିବା ସହ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଦିଗରେ ସେମାନଙ୍କ ଅବଦାନକୁ ଉତ୍ସାହିତ କରିବା ଲକ୍ଷ୍ୟରେ ବନବିଭାଗ ପକ୍ଷରୁ ଏକ୍ରିକ୍ର ସହାୟତାରେ ଇନସୁଲେଟେଡ୍ ଆଇସ୍ ବକ୍ସ ବଣ୍ଟନ କରାଯାଇଛି ।ପୁରୁଣାବନ୍ଧଠାରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ ଓ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଦେବିଦତ୍ତ ମହାନ୍ତି ଉପସ୍ଥିତ ଥିଲେ ।ଏହି ଅବସରରେ ଦୁଇଜଣ ମତ୍ସ୍ୟଚାଷୀଙ୍କୁ ରଙ୍ଗୀନ ମାଛ ଚାଷ ପାଇଁ ୬୪ ହଜାର ୯୬୪ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ପୁରୁଣାବନ୍ଧ, ପ୍ରୟାଗୀ, କଲରାବାଡ଼ି, ପାଲିବନ୍ଧ, ନୂଆ ପୋଡ଼ମପେଟା ଓ ଗୋଖରକୁଦା ଗ୍ରାମର ୧୨୦ ଜଣ ମତ୍ସ୍ୟଜୀବୀଙ୍କୁ ଦୁଇଟି



ଲେଖାଏଁ ଇନସୁଲେଟେଡ୍ ଆଇସ୍ ବକ୍ସ ପ୍ରଦାନ କରାଯାଇଥିଲା ।ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷାରେ ଏହି ଅଞ୍ଚଳର ମତ୍ସ୍ୟଜୀବୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ସେମାନଙ୍କ ଜୀବିକାର ସୁରକ୍ଷା ସହ ଜୀବିକା ଓ ପରିବେଶ ସଂରକ୍ଷଣ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲା ଏକ୍ରିକ୍ ? ସଂଯୋଜକ ରଞ୍ଜନ କୁମାର ଭୋଇ ମଞ୍ଚ ପରିଚାଳନା କରିଥିବାବେଳେ ଖଲ୍ଲିକୋଟ ରେଞ୍ଜର କୁଳେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବନବିଭାଗ ଓ ଏକ୍ରିକ୍ର କର୍ମଚାରୀଙ୍କ ସହ ସ୍ଥାନୀୟ କ୍ଲାଇମେଟ୍ ଚାମ୍ପିଅନ୍‌ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବୌଦ୍ଧ ଗୁରୁ ଦ୍ୱିତୀୟ ପଦ୍ମ ସମ୍ଭବ ଙ୍କ ତୃତୀୟତମ ସମାରୋହ ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁର,୧୬।୧୦ :(ମନ୍ଥନ) ବଡ଼ଚଣା. ୧୬।୧୦,(ମନ୍ଥନ) ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ବୌଦ୍ଧ ବିହାରଠାରେ ବୌଦ୍ଧ ଧର୍ମ ଗୁରୁ ଦ୍ୱିତୀୟ ପଦ୍ମସମ୍ଭବଙ୍କ ତୃତୀୟ ସମାରୋହ ଆୟୋଜନ ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ପର୍ଯ୍ୟଟନ ଅଭ୍ୟର୍ଥନା କେନ୍ଦ୍ର, ଉଦୟଗିରିଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବଡ଼ଚଣା ବିଧାୟକ ଶ୍ରୀ ଅମର କୁମାର ନାୟକ ଅଧକ୍ଷତା କରିଥିବାବେଳେ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗଦେଇଥିଲେ। ଶ୍ରୀମତୀ ଡ୍ୱାଙ୍ଗମୋ ଡେକ୍ସୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା, ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ ଆଭାସୀ ମାଧମରେ ଯୋଗ ଦେଇଥିଲେ ।ଏହି ସମାରୋହରେ ବିଭିନ୍ନ ଦେଶରୁ ୨୦୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ସେମାନଙ୍କ ରହଣି, ଖାଦ୍ୟପେୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବା ନେଇ ବିଧାୟକ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସମ୍ମିଳନୀ ସମୟରେ ଶ୍ରଦ୍ଧାଳୁ ଓ ଅତିଥିମାନଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ସହିତ ଜରୁରୀକାଳୀନ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଓ ଚିକିତ୍ସା ଦଳ ନିୟୋଜନ, ସାପ କାମୁଡ଼ା ଚିକିତ୍ସା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ?ର ଉପଲବ୍ଧତା ଯୋଗାଇଦେବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏଥିସହ ସମ୍ମିଳନୀ ସ୍ଥଳ ଓ ଆଖପାଖ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା, ଜନସମାଗମ ଓ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସିସିଟିଭି କ୍ୟାମେରା ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି ସମାରୋହ ଡିସେମ୍ବର ୨୮ ତାରିଖରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଥିବାରୁ ଆବଶ୍ୟକୀୟ ଭିତ୍ତିଭୂମି ଓ ମୌଳିକ ସୁବିଧା ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିପାଇଁ ପାନୀୟ ଜଳ ଯୋଗାଣ, ଶୌଚାଳୟ, ବିଦ୍ୟୁତ୍ ସଂଯୋଗ ଏବଂ ସହାୟକ କର୍ମଚାରୀଙ୍କ ରହିବା ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ଏଥିସହ ବରିଷ୍ଠ ନାଗରିକଙ୍କ ଯାତାୟାତ ପାଇଁ ବ୍ୟାଟେରିଚାଳିତ ଯାନ, ଏବଂ ଅଗ୍ନିନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ସେହିପରି ଜନସମାଗମ ନିୟନ୍ତ୍ରଣ ପାଇଁ ବ୍ୟାରିକେଡିଂ, ଯାନବାହନ ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ, ଯାତାୟାତ ନିୟନ୍ତ୍ରଣ ଏବଂ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ରଖିବା ଉପରେ ଆଲୋଚନା କରାଯାଇଥିଲା ।ଜିଲ୍ଲାପାଳ ଶ୍ରୀ କର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ନିଜ ନିଜ ବିଭାଗର ପ୍ରସ୍ତୁତ କାର୍ଯ୍ୟ ଶେଷ କରି ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରତିକାନ୍ତ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନଗେନ୍ଦ୍ର ମହାପାତ୍ର, ପର୍ଯ୍ୟଟନ ବିଭାଗର ଉପସଚିବ ଶ୍ରୀ ଜଗଦୀଶ ଷଡ଼ଙ୍ଗୀ, ବଡ଼ଚଣା ବିଡିଓ ଶ୍ରୀ ରବୀନ୍ଦ୍ର କୁମାର ବେହେରା, ବରୀ ବିଡିଓ ଶ୍ରୀମତୀ ମିନତୀ ଜଗଦେବ, ବରୀ ତହସିଲଦାର ଶ୍ରୀମତୀ ଦୀପ୍ତିମୟୀ ବେହେରା, ଦର୍ପଣ ତହସିଲଦାର ଶ୍ରୀ ମାନସ କୁମାର ତ୍ରିପାଠୀ ଏବଂ ବଡ଼ଚଣା ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଅରବିନ୍ଦ ସାମଲ, ସହକାରୀ ଜିଲ୍ଲାପାଳ ତାପସ କୁମାର ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦେବବ୍ରତ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ କଳାକାର କମିଟିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶ୍ରୀ ପ୍ରୀତିଶ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମ ପାଇଁ ନୋଡାଲ୍ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇବେ ବୋଲି ସୂଚନା ଦେଇ ଥିଲେ।



# ଏନରିଚ ପବ୍ଲିକ ସ୍କୁଲ ରେ ବିଜ୍ଞାନ ମେଳା ଅନୁଷ୍ଠିତ

ପିପିଲି,୧୬।୧୦ :(ମନ୍ଥନ) ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ନିକଟରେ ଥିବା ଏନରିଚ ପବ୍ଲିକ ସ୍କୁଲ ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟତ୍ରୀ ସୁଶ୍ରୀ ସଂଗୀତା ମିଶ୍ର ଙ୍କ ତତ୍ତ୍ୱାବଧାନ ରେୟଏହି ମେଳାରେ ମୋଟ ୭୬ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ମୁଖ୍ୟତଃ ସୌରଶକ୍ତିର ବ୍ୟବହାର, ଜଳ ବିଶୋଧନ ପ୍ରଣାଳୀ, ବର୍ଷାଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପୃଥକୀକରଣ ଓ ପୁନଃଚକ୍ରଣ, ପରିବେଶ ସୁରକ୍ଷା, ବୃକ୍ଷରୋପଣ, ସମୁଦ୍ର ସଫେଇ ଏବଂ ବିଭିନ୍ନ ପ୍ରକାରର ଘର ଆଦି ବିଷୟକୁ ନେଇ ଆକର୍ଷଣୀୟ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ମନୋଜ କୁମାର ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ରାଉତ ଛାତ୍ରଛାତ୍ରୀ ମାନଙ୍କ ପ୍ରକଳ୍ପ ଗୁଡିକର ମାନ ନିର୍ଦ୍ଧାରଣ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ବାର୍ଷିକୀ ଉତ୍ସବ ରେ ସମ୍ବର୍ଦ୍ଧିତ କରାଯିବ ବୋଲି ବିଦ୍ୟାଳୟ ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ଆସିତ କୁମାର ସାହୁ ସୂଚନା ଦେଇଛନ୍ତି ।

# ପଣ୍ୟ ପରିଚାଳନା ଦିଗରେ ଷ୍ଟିଭେଡୋର୍ସଙ୍କ ସହ ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ପାରାଦୀପ,୧୬।୧୦ :(ମନ୍ଥନ) ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ସୁଶାନ୍ତ କୁମାର ପୁରୋହିତ ଓ ଷ୍ଟିଭେଡୋର୍ସ ଆସୋସିଏସନ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନ୍ଦରର ଦକ୍ଷତା, କାର୍ଯ୍ୟ କରିବାର କ୍ଷମତା, ବିଭିନ୍ନ ସମସ୍ୟା, ଭିତ୍ତିଭୂମିର ବିକାଶ ଏବଂ ପଣ୍ୟ ପରିଚାଳନା ଦକ୍ଷତା ବୃଦ୍ଧି ନେଇ ଆଲୋଚନା କରାଯାଇଛି ଛ ଚଳିତ ଆର୍ଥିକ ବର୍ଷରେ ୧୭୦ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ପଣ୍ୟ ପରିଚାଳନା ଲକ୍ଷ୍ୟ ହାସଲ କରିବା ଦିଗରେ ପାରାଦୀପ ବନ୍ଦରର ପ୍ରତିବଦ୍ଧତା ଥିବା ନେଇ ଅଧକ୍ଷ ଦୋହରାଇଥିଲେ। ଏହା ପୂର୍ବ ଆର୍ଥିକ ବର୍ଷ ୨୦୨୫-୨୬ରେ ପରିଚାଳିତ ୧୫୬.୪୫ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ ତୁଳନାରେ ଅଧିକ ଲକ୍ଷ୍ୟ ରଖାଯାଇଛି। ଦେଖାଯାଉଥିବା ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ଭିତ୍ତିଭୂମି ବିକାଶ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏଥିମଧ୍ୟରେ ବନ୍ଦର ଭିତର ଓ ବାହାର ରାସ୍ତାର ଉନ୍ନତିକରଣ, ପଣ୍ୟ ସଂରକ୍ଷଣ ପାଇଁ ଉପଯୁକ୍ତ ସ୍ଥାନର ବିକାଶ ଏବଂ ପରିବହନକୁ ସୁଗମ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ପାଇଁ ପ୍ରସ୍ତାବଗୁଡ଼ିକୁ ମଧ୍ୟ ଅନୁମୋଦନ ମିଳିଛି ଏବଂ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟାନ୍ୱୟନ ଆରମ୍ଭ ହେବା ଆଶା କରାଯାଉଛି । ଏଥିସହ କର୍ମଚାରୀ ଓ



ପରିଦର୍ଶକଙ୍କ ପାଇଁ ପରିମଳ ଏବଂ କଲ୍ୟାଣମୂଳକ ସୁବିଧାର ଉନ୍ନତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା । ସାର୍ବଜନୀନ-ଘରୋଇ ସହଭାଗିତା ଆଧାରିତ ଯାନ୍ତ୍ରିକୀକରଣକୁ ଆଗକୁ ବଢ଼ାଇବା ଉପରେ ଅଧକ୍ଷ ଗୁରୁତ୍ୱ ଦେଇଥିଲେ। ସାର୍ବଜନୀନ-ଘରୋଇ ସହଭାଗିତା ଅପରେଟର୍ ମାନେ ବର୍ତ୍ତମାନର ହିତାଧିକାରୀମାନଙ୍କ ସହ ସୁସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ସେ କହିଥିଲେ ।ସହଯୋଗଭିତ୍ତିକ ସମସ୍ୟା ସମାଧାନର ଗୁରୁତ୍ୱ ଉପରେ ଆଲୋକପାତ କରି ଅଧକ୍ଷ, ଡ୍ରେଜିଂ ଆବଶ୍ୟକତା, ଟ୍ରାଫିକ୍ ଏବଂ ପଣ୍ୟ ପରିଚାଳନା ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବନ୍ଦର ପ୍ରଶାସନ ଓ ଷ୍ଟିଭେଡୋର୍ସଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ପାଦକତା, କାର୍ଯ୍ୟକ୍ଷମତା ଓ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇଁ ହିତାଧିକାରୀମାନଙ୍କ ସହ ଗଠନମୂଳକ ଆଲୋଚନା କରିଥିଲେ ।ବୈଠକ ଶେଷରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ଷ୍ଟିଭେଡୋର୍ସ ଆସୋସିଏସନ୍ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବା ସହ ପାରାଦୀପ ବନ୍ଦରକୁ ଦେଶର ଏକ ପ୍ରମୁଖ ନୌବାଣିଜ୍ୟିକ ପ୍ରବେଶଦ୍ୱାର ଭାବେ ଆହୁରି ସୁଦୃଢ଼ କରିବା ନିମନ୍ତେ ଉଭୟ ପକ୍ଷ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

# ଐତିହାସିକ ସାଲେଭଟା ମାଁ ପାଟଣେଶ୍ୱରୀ ମନ୍ଦିର ବଏଲ ଯାତ୍ରା ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୬।୧୦ :(ମନ୍ଥନ) ଆଗଲପୁର ବ୍ଲକ ସାଲେଭଟା ଗ୍ରାମ ଐତିହାସିକ ପୀଠ ମାଁ ପାଟଣେଶ୍ୱରୀ ସମଲେଶ୍ୱରୀ ଗୋଟିଏ ଗମ୍ଭିରାରେ ପୂଜା ପାଉଛନ୍ତି । ୧୫୦୦ ଖ୍ରୀଷ୍ଟାବ୍ଦ ରେ ଏହି ମନ୍ଦିରଟି ରାଜା ବଳରାମ ଦେଓ ଭାଇ ଭାଗ ପାଇ ସ୍ଥାପନ କରିଥିଲେ । ମାଁ ପାଟଣେଶ୍ୱର ପାଟଣାମୁହାଁ ହୋଇଥିବା ବେଳେ ମାଁ ସମଲେଶ୍ୱରୀ ହୁମା ବା ସମ୍ବଲପୁର ମୁହାଁ ହୋଇଛନ୍ତି । ଗୋଟିଏ ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଥିବା ବେଳେ ରାଜା ଙ୍କ ଖମାରରେ ପୂଜା ପାଉଛନ୍ତି । ଦଶହରା ଏବଂ ଚଇତ ପରବରେ ମନ୍ଦିରରେ ସ୍ୱତନ୍ତ୍ରତା ପୂଜା କରାଯାଏ । ଏ ବର୍ଷ ବଏଲ ଯାତ୍ରା ପାଇଁ ମନ୍ଦିର କମିଟି ପ୍ରସ୍ତୁତି ଜୋରସୋର ଆରମ୍ଭ କରିଥିବା ବେଳେ ୧୮ତାରିଖ ସନ୍ଧ୍ୟା ସମୟରୁ ମାଁ ପାଟଣେଶ୍ୱର ବଏଲ ଯାତ୍ରା ନଗର ପରିକ୍ରମା କରିବ, ୧୯ ତାରିଖ ଦିନ ମନ୍ଦିର ପ୍ରବେଶ



କରିବେ । ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ନିଷ୍ପତ୍ତି ନେଇଥିବା ମନ୍ଦିର କମିଟି । ମାଁ ଙ୍କ ନବରାତ୍ରୀ ପୂଜା ଆରମ୍ଭ ହୋଇଥିବା ପ୍ରଥମ ଦିନରୁ ବିଭିନ୍ନ ବେଶରେ ଦର୍ଶନ ଦେଉଥିବା ବେଳେ ପ୍ରତ୍ୟେକ ଦିନ ହୋମଯଜ୍ଞ ଓ ଚଣ୍ଡିପାଠ ହେଉଛି । ସନ୍ଧ୍ୟା ସମୟରେ ମହା ଆଳତି ସହ ଘଣ୍ଟବାଦ୍ୟ ଦୁଲଦୁଲି ସହ ମାଁ ଙ୍କ ମହା ଆଳତି ହେଉଛି । ଏଥିରୁ ଆଖ ପାଖ ଗାଁ ର ଭକ୍ତମାନଙ୍କର ସୁଅ ଛୁଟୁଛି । ଚଣ୍ଡିପାଠ କରୁଛନ୍ତି ପଣ୍ଡିତ କବିରାଜ ମିଶ୍ର ଏବଂ ମନ୍ଦିରର ପୂଜକ ପ୍ରକାଶ ଦିସ୍ରୀ ସହଯୋଗ କରୁଛନ୍ତି । ମନ୍ଦିର କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି । ମନ୍ଦିର କମିଟି ନିଷ୍ପତ୍ତି ଅନୁଯାୟୀ ଦିର୍ଘ ବର୍ଷର ମାଁ ଗମ୍ଭିରାରେ ପୂଜା ପାଉଥିବା ବେଳେ ଏ ବର୍ଷରୁ ନୂତନ ଗମ୍ବୁଜ ନିର୍ମାଣ ପାଇଁ ଭୂମିପୂଜନ ଓ କାର୍ଯ୍ୟଆରମ୍ଭ ହେଉଛି । ଏଥିରେ ପାଟଣାଗଡ ମାଁ ପାଟଣେଶ୍ୱରୀ ମନ୍ଦିର, ସମ୍ବଲପୁରର ମାଁ ସମଲେଶ୍ୱରୀ ଏବଂ କଳାହାଣ୍ଡିର ମାଁ ମାଣିକେଶ୍ୱରୀ ଙ୍କ ମନ୍ଦିର ସ୍ଥାନ ପାଇବ । ଦୁଇ କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କୁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟିର ପ୍ରସ୍ତାବ ଦେଇଛି ।

# ବାଲିପଦର କଲେଜ ଛାତ୍ର ସଂସଦ ନିର୍ବାଚନ, ଶମ୍ଭୁ ପ୍ରଧାନ ସଭାପତି ଓ ସାଧାରଣ ସମ୍ପାଦକ ସ୍ମିତାରାଣୀ ଭୂୟାଁ

ବୁଗୁଡ଼ା,୧୬।୧୦ :(ମନ୍ଥନ)ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଆଞ୍ଚଳିକ ବିଜ୍ଞାନ ଡିଗ୍ରୀ କଲେଜର ଛାତ୍ର ସଂସଦ ନିର୍ବାଚନ ପ୍ରଥମ ଥର ପାଇଁ ହୋଇଥିବା ବେଳେ ଏଥିରେ ଏବିଭିପିର ତିନି ଜଣ ପ୍ରାର୍ଥୀ ଶମ୍ଭୁ ପ୍ରଧାନ-ସଭାପତି, ଶଙ୍କର ବିଷୋୟୀ-ଉପସଭାପତି ଓ ସ୍ମିତାରାଣୀ ସ୍ୱାଇଁ-ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ୧୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲା ବେଳେ ସେଥିରୁ ୩ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ ଏବଂ ନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ରହିଥିଲେ। ତନ୍ମଧ୍ୟରୁ ରୁଦ୍ର ପ୍ରସାଦ ସ୍ୱାଇଁ - କ୍ରୀଡା ସମ୍ପାଦକ, ରୂପାଲି ଭୂୟାଁ-ଯୁଗ୍ମ ସମ୍ପାଦକ ଓ ରାକେଶ ଜେନା-ନାଟ୍ୟ ସମ୍ପାଦକ ଭାବେ ଅପ୍ରତିଦ୍ୱନ୍ଦୀ ରହିଥିଲେ। ତେବେ ଏହି ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ନେଇ କଲେଜ ଅଧକ୍ଷ ତଥା ନିର୍ବାଚନ ଅଧିକାରୀ ଗୋପୀନାଥ ମହାନ୍ତିଙ୍କଠାରୁ ପ୍ରକାଶ ପାଇଛି।

# ଡ଼ ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ମନୋନୟନ ପଦ୍ଧତିରେ ନିର୍ବାଚନ

କବିସୂର୍ଯ୍ୟନଗର,୧୬।୧୦ :(ମନ୍ଥନ)ଡ଼ ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ,କବିସୂର୍ଯ୍ୟ ନଗର ଗଞ୍ଜାମ ଠାରେ ଦିର୍ଘ ୩୩ ବର୍ଷ ପରେ ମନୋନୟନ ପଦ୍ଧତିରେ ୨୦୨୬-୨୭ ଶିକ୍ଷା ବର୍ଷରେ ଶୃଙ୍ଖଳାର ସହିତ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅଧାପକ ମାନଙ୍କୁ ନେଇ ଏକ ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଥିଲା। ଏଥିରେ ଅଧକ୍ଷ ଡ଼ ଅବନୀ ରଞ୍ଜନ ମିଶ୍ର, ସଂସ୍କୃତ ସାହିତ୍ୟ ଅଧାପକ ଶ୍ରୀଯୁକ୍ତ ନରସିଂହ ପାଢ଼ୀ , ଓଡ଼ିଆ ଅଧାପିକା ଶ୍ରୀମତୀ ରୁନି ପାଣିଗ୍ରାହି, ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ମିଶ୍ର, ଦୁଇ ଜଣ ଶାସ୍ତ୍ରୀ ତୃତୀୟ ବର୍ଷ ଛାତ୍ର କେ. ପ୍ରବୀଣ କୁମାର ପାତ୍ର ଏବଂ ବିକାଶ ପ୍ରଧାନ ରହିଥିଲେ। ଛାତ୍ର ସଂସଦ ସଭାପତି ଭାବେ ବିକ୍ରମ ସ୍ୱାଇଁ, ସମ୍ପାଦକ ଭାବେ ସଙ୍ଗୀତା ପ୍ରଧାନ, କ୍ରୀଡା ସମ୍ପାଦକ ଭାବେ ଦେବାଶିଷ ପରିଡ଼ା ଏବଂ ସାଂସ୍କୃତିକ ସମ୍ପାଦକ ଭାବେ ଅଭିଜୀତ ଦାସ ନିର୍ବାଚିତ ହୋଇଛନ୍ତି।

# ନୟାଗଡ଼ରେ ନଭେମ୍ବର ୧ରୁ ରାଜ୍ୟସ୍ତରୀୟ ଓପନ୍ ସ୍କୁଲ ଚେସ୍ ଟୁର୍ଣ୍ଣାମେଣ୍ଟ

ନୟାଗଡ଼,୧୬।୧୦ :(ମନ୍ଥନ)ଆସନ୍ତା ନଭେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ସହରର କେ.ସି. କ୍ଲବ୍ ପରିସରରେ ରାଜ୍ୟସ୍ତରୀୟ ‘ଅଲ୍ ଓଡ଼ିଶା ଓପନ୍ ସ୍କୁଲ ଚେସ୍ ଟୁର୍ଣ୍ଣାମେଣ୍ଟ-୨୦୨୬’ଅନୁଷ୍ଠିତ ହେବ। ନୟାଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍ ଓ କେ.ସି. କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ୧,୦୦,୦୦୦ ଟଙ୍କା ଏବଂ ଆକର୍ଷଣୀୟ ଟ୍ରଫି। ଚାମ୍ପିୟନ୍ ?ଙ୍କୁ ୧୫,୦୦୦ ଟଙ୍କା, ପ୍ରଥମ ରନର୍ସ-ଅପ୍ ?ଙ୍କୁ ୧୦,୦ ଟଙ୍କା ଏବଂ ଦ୍ୱିତୀୟ ରନର୍ସ-ଅପ୍ ?ଙ୍କୁ ୭,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏହାଛଡ଼ା ୪ର୍ଥରୁ ୨୫ତମ ସ୍ଥାନ ପର୍ଯ୍ୟନ୍ତ ନଗଦ ପୁରସ୍କାର ଓ ଟ୍ରଫିର ବ୍ୟବସ୍ଥା ରହିଛି। ୭, ୯, ୧୧, ୧୩ ଓ ୧୯ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ଏବଂ ନୟାଗଡ଼ ଜିଲ୍ଲାର ଶ୍ରେଷ୍ଠ ୫ ଜଣ ଖେଳାଳିଙ୍କୁ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ।ଓଡ଼ିଶାର ଯେକୌଣସି ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରଥମେ ଆବେଦନ କରିଥିବା ୨୦୦ ଜଣ ଖେଳାଳିଙ୍କୁ ସୁଯୋଗ ମିଳିବ।

ଶନିବାର ୧୭ ଅକ୍ଟୋବର, ୨୦୨୬, ଭୁବନେଶ୍ୱର
Saturday October 17, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସାମୂହିକ ବିକାଶ

ବିକାଶ କେବଳ କିଛି ରାସ୍ତା ତିଆରି, କିଛି ସେତୁ ନିର୍ମାଣ, କିଛି ବଡ ଅଟ୍ଟାଳିକା ଉଠିବା କିମ୍ବା କିଛି ବଡ ପ୍ରକଳ୍ପ ଆସିବାର ନାମ ନୁହେଁ। ବିକାଶ ହେଉଛି ମଣିଷର ଜୀବନରେ ଆଶାର ବୃଦ୍ଧି, ସୁଯୋଗର ବିସ୍ତାର, ସମ୍ମାନର ସୁରକ୍ଷା ଓ ଭବିଷ୍ୟତ ପ୍ରତି ଆତ୍ମବିଶ୍ୱାସର ଜନ୍ମ। ଯେଉଁ ବିକାଶରେ ସହର ଆଗକୁ ବଢେ କିନ୍ତୁ ଗାଁ ପଛରେ ପଡି ରହେ, ଯେଉଁ ବିକାଶରେ ଧନୀ ଆହୁରି ସମୃଦ୍ଧ ହୁଅନ୍ତି କିନ୍ତୁ ଗରିବଙ୍କ ଜୀବନରେ ପରିବର୍ତ୍ତନ ଆସେ ନାହିଁ, ଯେଉଁ ବିକାଶରେ ଶିଳ୍ପ ବଢେ କିନ୍ତୁ ପ୍ରକୃତି ନଷ୍ଟ ହୁଏ, ସେହି ବିକାଶ ଅସମ୍ପୂର୍ଣ୍ଣ। ପ୍ରକୃତ ବିକାଶ ସେତେବେଳେ ହିଁ ସମ୍ଭବ, ଯେତେବେଳେ ସମାଜର ପ୍ରତ୍ୟେକ ଶ୍ରେଣୀ, ପ୍ରତ୍ୟେକ ଅଂଚଳ ଓ ପ୍ରତ୍ୟେକ ମଣିଷ ନିଜକୁ ସେହି ବିକାଶର ଅଂଶୀଦାର ବୋଲି ଅନୁଭବ କରିବେ। ସେଥିପାଇଁ ଆଜିର ସମୟର ସବୁଠାରୁ ବଡ ଆହ୍ୱାନ ହେଉଛି-ସାମୂହିକ ବିକାଶ। ସାମୂହିକ ବିକାଶର ପ୍ରଥମ ଭିତି ହେଉଛି ସମାନ ସୁଯୋଗ। ଜନ୍ମସ୍ଥାନ , ଆର୍ଥିକ ସ୍ଥିତି, ଜାତି, ଲିଙ୍ଗ କିମ୍ବା ଅଂଚଳ ଆଧାରରେ କାହାର ସୁଯୋଗ ସୀମିତ ହେବା ଉଚିତ ନୁହେଁ। ଜଣେ ଗ୍ରାମର ଶିଶୁ ଓ ଜଣେ ସହରର ଶିଶୁଙ୍କ ସ୍ୱପ୍ନ ମଧ୍ୟରେ ତଫାତ ରହିବାର କାରଣ ସୁଯୋଗର ଅଭାବ ହେବା ଉଚିତ ନୁହେଁ। ଶିକ୍ଷା, ଚିକିତ୍ସା, ପାନୀୟ ଜଳ, ବିଦ୍ୟୁତ, ଯୋଗାଯୋଗ, ନିଯୁକ୍ତି ଓ ସାମାଜିକ ସୁରକ୍ଷା ଭଳି ମୌଳିକ ସୁବିଧା ପ୍ରତ୍ୟେକ ନାଗରିକଙ୍କ ଅଧିକାର ଭାବେ ପହଂଚିବା ଦରକାର। ଯେଉଁଠାରେ ସୁଯୋଗ ସମାନ, ସେଠାରେ ପ୍ରତିଭା ନିଜ ପଥ ନିଜେ ଖୋଜିନିଏ। କୃଷି ହେଉଛି ଓଡିଶାର ଜୀବନରେଖା। ଚାଷୀ ମଜବୁତ ହେଲେ ଗାଁ ମଜବୁତ ହେବ, ଗାଁ ମଜବୁତ ହେଲେ ରାଜ୍ୟ ଅର୍ଥନୀତି ମଜବୁତ ହେବ। ତେଣୁ ଚାଷୀଙ୍କୁ କେବଳ ଉତ୍ପାଦନକାରୀ ଭାବେ ନୁହେଁ, ଅର୍ଥନୈତିକ ଶକ୍ତିର ମୁଖ୍ୟ ଅଂଶୀଦାର ଭାବେ ଦେଖିବା ଆବଶ୍ୟକ। ଉନ୍ନତ ବିହନ, ଜଳସେଚନ, କୃଷି ଜ୍ଞାନ, ଯନ୍ତ୍ରପାତି, ଫସଲ ସଂରକ୍ଷଣ, ପ୍ରକ୍ରିୟାକରଣ, ବଜାର ସୁବିଧା ଓ ଉଚିତ ମୂଲ୍ୟ – ଏସବୁକୁ ଏକାଠି କରିପାରିଲେ ହିଁ ଚାଷୀଙ୍କ ଆୟ ବଢିବ। ଚାଷୀଙ୍କ ଘରେ ସମୃଦ୍ଧି ଆସିଲେ ଗ୍ରାମର ଦୋକାନୀଠାରୁ କାରିଗର, ପରିବହନକାରୀଠାରୁ କ୍ଷୁଦ୍ର ଉଦ୍ୟୋଗୀ ପର୍ଯ୍ୟନ୍ତ ସମସ୍ତେ ଲାଭବାନ ହେବେ। ଗ୍ରାମୀଣ ଅର୍ଥନୀତିକୁ କେବଳ କୃଷିରେ ସୀମିତ ରଖିଲେ ଚଳିବ ନାହିଁ। ଗ୍ରାମରେ ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରସ୍ତୁତି, ପଶୁପାଳନ, ମତ୍ସ୍ୟଚାଷ, ବନଜାତ ଦ୍ରବ୍ୟ, ମହୁଚାଷ ଓ ଅନ୍ୟାନ୍ୟ ଜୀବିକାର ସୁଯୋଗ ବଢାଇବା ଦରକାର। ଗ୍ରାମର ଯୁବକ ଯଦି ନିଜ ଗାଁରେ ରୋଜଗାର ପାଇପାରନ୍ତି, ତେବେ ଅନିଚ୍ଛିତ ପ୍ରବାସ କମିବ। ଗ୍ରାମର ଧନ ଗ୍ରାମରେ ରହିବ ଏବଂ ସେଠାରେ ନୂଆ ଅର୍ଥନୈତିକ ଚକ୍ର ସୃଷ୍ଟି ହେବ। ଯୁବପିଢି ହେଉଛି ରାଜ୍ୟର ସବୁଠାରୁ ବଡ ଜୀବନ୍ତ ସମ୍ପଦ। ଯୁବକଙ୍କ ହାତରେ ଶିକ୍ଷା ଅଛି, ସ୍ୱପ୍ନ ଅଛି, ଆବଶ୍ୟକ କେବଳ ସଠିକ୍ ଦିଗ ଓ ସୁଯୋଗ। ପ୍ରତ୍ୟେକ ଯୁବକଙ୍କ ଲକ୍ଷ୍ୟ କେବଳ ଚାକିରି ପାଇବା ନୁହେଁ, ନୂଆ କାମ ସୃଷ୍ଟି କରିବା ମଧ୍ୟ ହେବା ଦରକାର। କ୍ଷୁଦ୍ର ଉଦ୍ୟୋଗ, ନୂଆ ଉଦ୍ୟୋଗ, କାରିଗରୀ କାମ, ପ୍ରଯୁକ୍ତିଭିତିକ ସେବା ଓ ସ୍ୱାବଲମ୍ବୀ ଜୀବିକାର ପଥ ଯୁବପିଢି ପାଇଁ ଖୋଲିବାକୁ ହେବ। ଯୁବକଙ୍କ ମନରୁ 'ଚାକିରି କେଉଁଠାରେ ମିଳିବ' ପ୍ରଶ୍ନକୁ ବଦଳାଇ 'ମୁଁ କେଉଁ କାମ ସୃଷ୍ଟି କରିପାରିବ' ପ୍ରଶ୍ନ ଜନ୍ମ ନେଲେ ରାଜ୍ୟର ଅର୍ଥନୈତିକ ଚିତ୍ର ବଦଳିଯିବ। ଶିକ୍ଷା ବିନା ସାମୂହିକ ବିକାଶର କଳ୍ପନା ଅସମ୍ଭବ। ଶିକ୍ଷା କେବଳ ପରୀକ୍ଷାରେ ଭଲ ନମ୍ବର ପାଇବାର ମାଧ୍ୟମ ନୁହେଁ, ଏହା ମଣିଷକୁ ଚିନ୍ତା କରିବା, ପ୍ରଶ୍ନ କରିବା, ସତ୍ୟକୁ ବୁଝିବା ଓ ନିଜ ଭବିଷ୍ୟତ ଗଢିବାର ଶକ୍ତି ଦିଏ। ଗ୍ରାମ ଓ ସହରର ଶିକ୍ଷାଗତ ଦୂରତା କମାଇବା ଦରକାର। ଭଲ ବିଦ୍ୟାଳୟ, ଯୋଗ୍ୟ ଶିକ୍ଷକ, ପାଠାଗାର, ପ୍ରୟୋଗଶାଳା, ଖେଳ ପଡିଆ ଓ ସୃଜନଶୀଳ ଶିକ୍ଷା ପ୍ରତ୍ୟେକ ଶିଶୁର ଅଧିକାର। ଜଣେ ଗରିବ ଘରର ଶିଶୁର ପ୍ରତିଭା କେବଳ ତାଙ୍କ ପରିବାରର ଆର୍ଥିକ ଦୁର୍ବଳତା ପାଇଁ ଅବହେଳିତ ହେବା ଉଚିତ ନୁହେଁ। ସ୍ୱାସ୍ଥ୍ୟ ହେଉଛି ସୁଖୀ ସମାଜର ପ୍ରଥମ ଶର୍ତ୍ତ। ଗରିବ ଲୋକ ଅସୁସ୍ଥ ହେଲେ ତାଙ୍କ ସଂଚିତ ଧନ ଚିକିତ୍ସାରେ ଶେଷ ହୋଇଯାଏ, ଅନେକ ସମୟରେ ପରିବାର ଋଣର ଭାରରେ ପଡିଯାଏ। ତେଣୁ ଗୁଣାତ୍ମକ ଚିକିତ୍ସାକୁ ସମସ୍ତଙ୍କ ନିକଟରେ ସୁଲଭ କରିବା ସାମୂହିକ ବିକାଶର ଅବିଚ୍ଛିନ୍ନ ଅଂଶ। ଦୁର୍ଗମ ଅଂଚଳରେ ଚିକିତ୍ସାଳୟ, ଆବଶ୍ୟକ ଔଷଧ, ମାତୃ ଓ ଶିଶୁ ସେବା, ଜରୁରୀ ଚିକିତ୍ସା ଏବଂ ରୋଗ ନିରାକରଣ ବ୍ୟବସ୍ଥା ମଜବୁତ କରିବା ଦରକାର ସ୍ୱାସ୍ଥ୍ୟସେବା ସହରର ସୁବିଧା ହୋଇ ରହିଲେ ଚଳିବ ନାହିଁ, ଏହାଗାଁର ଅଧିକାର ହେବା ଦରକାର। ମହିଳାଙ୍କ ଅଂଶଗ୍ରହଣ ବିନା ସମାଜର ବିକାଶ ଅଧାରେ ରହିଯାଏ। ଜଣେ ମହିଳା ଶିକ୍ଷିତ ହେଲେ ଏକ ପରିବାର ଶିକ୍ଷିତ ହୁଏ, ଜଣେ ମହିଳା ଆର୍ଥିକ ଭାବେ ସ୍ୱାବଲମ୍ବୀ ହେଲେ ଏକ ପରିବାରର ଆତ୍ମବିଶ୍ୱାସ ବଢେ। ମହିଳାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତା, ସମ୍ପତିର ଅଧିକାର, ଜୀବିକା ଓ ନେତୃତ୍ୱର ସୁଯୋଗ ଦେବା ଆବଶ୍ୟକ। ମହିଳାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମୀଣ ଉଦ୍ୟମ ଓ ହସ୍ତଶିଳ୍ପର ବଜାର ସହ ଯୋଡିପାରିଲେ ଘରର ଆୟ ବଢିବା ସହ ସ୍ଥାନୀୟ ଅର୍ଥନୀତି ମଧ୍ୟ ଶକ୍ତିଶାଳୀ ହେବ। ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ନେଇ ସମାଜର ଦାୟିତ୍ୱ ମଧ୍ୟ ସମାନ। ଯେଉଁ ସମାଜ ନିଜର ଦୁର୍ବଳ ଲୋକଙ୍କୁ ସୁରକ୍ଷା ଦିଏ, ସେହି ସମାଜକୁ ସଭ୍ୟ ସମାଜ କୁହାଯାଏ। ଶିଶୁଙ୍କ ପୋଷଣ ବୃଦ୍ଧଙ୍କ ସମ୍ମାନ, ଦିବ୍ୟାଙ୍ଗଙ୍କ ପାଇଁ ସୁଲଭ ପରିବେଶ ଓ ଆବଶ୍ୟକ ସହାୟତା-ଏସବୁ ଦୟା ନୁହେଁ, ସାମାଜିକ ନ୍ୟାୟର ଅଂଶ। ଆଦିବାସୀ ସମାଜର ବିକାଶକୁ ମଧ୍ୟ ମୁଖ୍ୟ ବିକାଶ ଧାରା ସହ ଯୋଡିବା ଦରକାର। ଜଙ୍ଗଲ ଓ ପାହାଡରେ ରହୁଥିବା ଲୋକଙ୍କ ଜୀବନ, ପରମ୍ପରା, ଭାଷା ଓ ସଂସ୍କୃତି ଓଡିଶାର ପରିଚୟର ଅଂଶ। ସେମାନଙ୍କ ବିକାଶ ନାମରେ ସେମାନଙ୍କ ପରିଚୟ ଓ ଜୀବନପଦ୍ଧତିକୁ ଦୁର୍ବଳ କରାଯିବା ଉଚିତ ନୁହେଁ। ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ମୌଳିକ ସୁବିଧା ଦେବା ସହିତ ସେମାନଙ୍କ ପାରମ୍ପରିକ ଜ୍ଞାନକୁ ସମ୍ମାନ କରିବା ଦରକାର। ଶିଳ୍ପାୟନ ରାଜ୍ୟର ଅର୍ଥନୀତିକୁ ଗତି ଦେଇପାରେ। କିନ୍ତୁ ଶିଳ୍ପ ଆସିବାର ଅର୍ଥ କେବଳ ଜମି ଓ ଯନ୍ତ୍ର ନୁହେଁ, ଏହା ସ୍ଥାନୀୟ ଲୋକଙ୍କ ଜୀବନ ସହ ଜଡିତ। ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ସ୍ଥାନୀୟ ବ୍ୟବସାୟୀଙ୍କୁ ସୁଯୋଗ, ପ୍ରଭାବିତ ପରିବାରକୁ ନ୍ୟାୟ ଓ ପରିବେଶକୁ ସୁରକ୍ଷା- ଏସବୁକୁ ସମାନ ଗୁରୁତ୍ୱ ଦେବା ଦରକାର ଶିଳ୍ପ ଓ ସମାଜ ମଧ୍ୟରେ ସମ୍ପର୍କ ଯେତେ ସୁସ୍ଥ ହେବ, ବିକାଶ ସେତେ ସ୍ଥାୟୀ ହେବ। ପରିବେଶ ସୁରକ୍ଷା ବିନା ବିକାଶର ଭବିଷ୍ୟତ ନାହିଁ। ଜଙ୍ଗଲ, ନଦୀ, ପାହାଡ, ଜଳାଶୟ, ସମୁଦ୍ରତଟ ଓ ଜୀବଜଗତ ଆମର ସାମୂହିକ ସମ୍ପଦ। ଆଜିର ସୁବିଧା ପାଇଁ ଆଗାମୀ ପିଢିର ଜୀବନକୁ ବିପଦରେ ପକାଇବାକୁ ବିକାଶ କୁହାଯାଇପାରେ ନାହିଁ। ପ୍ରକୃତି ସହ ସମନ୍ୱୟ ରଖି ଶିଳ୍ପ, ନଗରୀକରଣ ଓ ଅର୍ଥନୈତିକ ବୃଦ୍ଧିର ପଥ ଖୋଜିବାକୁ ହେବ। ଆଜି ଗଛ ବଂଚାଇବା ମାନେ ଆସନ୍ତାକାଲିର ଜୀବନ ବଂଚାଇବା। ସଂସ୍କୃତି ମଧ୍ୟ ବିକାଶର ଅଂଶ। ଓଡିଆ ଭାଷା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ହସ୍ତଶିଳ୍ପ. ହସ୍ତତନ୍ତ, ଲୋକକଳା ଓ ପାରମ୍ପରିକ ଜ୍ଞାନ ଆମର ଅମୂଲ୍ୟ ସମ୍ପଦ। ଅର୍ଥନୈତିକ ବିକାଶ ସହ ସାଂସ୍କୃତିକ ବିକାଶ ମଧ୍ୟ ଆବଶ୍ୟକ। ନିଜ ମୂଳକୁ ଭୁଲି ଯେଉଁ ସମାଜ ଆଗକୁ ବଢେ, ତାହାର ବିକାଶରେ ଆତ୍ମା ରହେ ନାହିଁ। ସାମୂହିକ ବିକାଶର ଆଉ ଏକ ବଡ ଆଧାର ହେଉଛି ସୁଶାସନ। ଯୋଜନା କରିବା ଯେତେ ଜରୁରୀ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ତାହାଠାରୁ ଅଧିକ ଜରୁରୀ। ସରକାରୀ ସୁବିଧା ପାଇବା ପାଇଁ ସାଧାରଣ ଲୋକଙ୍କୁ ଅନାବଶ୍ୟକ ଦୌଡିବାକୁ ନ ପଡିବା, ଅଭିଯୋଗର ଶୀଘ୍ର ସମାଧାନ ହେବା, ଦୁର୍ନୀତିକୁ ରୋକିବା ଓ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ଦରକାର। ସରକାର ଓ ଲୋକଙ୍କ ମଧ୍ୟରେ ଆସ୍ଥାର ସେତୁ ମଜବୁତ ହେଲେ ବିକାଶର ଗତି ମଧ୍ୟ ବଢିବ। ସାମୂହିକ ବିକାଶର ଅର୍ଥ ସରକାର ସବୁକିଛି କରିବେ ବୋଲି ଅପେକ୍ଷା କରିବା ନୁହେଁ। ନାଗରିକଙ୍କର ମଧ୍ୟ ନିଜସ୍ୱ ଦାୟିତ୍ୱ ରହିଛି। ଆମେ ରାସ୍ତାରେ ଆବର୍ଜନା ନ ପକାଇଲେ, ପାଣି ଅପଚୟ ନକଲେ, ଗଛ ଲଗାଇଲେ, ସର୍ବସାଧାରଣ ସମ୍ପତିକୁ ନିଜ ସମ୍ପତି ଭଳି ସୁରକ୍ଷା କଲେ ଓ ଆଇନକୁ ସମ୍ମାନ କଲେ ସମାଜ ଆପେ ଆପେ ବଦଳିବ। ରାଜ୍ୟ ଗଢିବା କେବଳ ଶାସକଙ୍କ କାମ ନୁହେଁ, ରାଜ୍ୟ ଗଢିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ଓଡିଶାର ଆଗାମୀ ଦିନ କେବଳ ଅର୍ଥନୈତିକ ଆକାରରେ ବଡ ହେବା ନୁହେଁ, ମାନବିକତାରେ ମଧ୍ୟ ବଡ ହେବା ଦରକାର। ଆମେ ଏମିତି ଏକ ରାଜ୍ୟ ଚାହିଁବା, ଯେଉଁଠାରେ ଚାଷୀ ନିଜ ପରିଶ୍ରମ ପାଇଁ ଗର୍ବ କରିବେ, ଯୁବକ ନିଜ ଭବିଷ୍ୟତ ପାଇଁ ଆଶାବାଦୀ ହେବେ, ମହିଳା ନିଜ ସାମର୍ଥ୍ୟ ପାଇଁ ସମ୍ମାନ ପାଇବେ, ଶିଶୁ ନିଜ ସ୍ୱପ୍ନ ପାଇଁ ସୁଯୋଗ ପାଇବ, ବୃଦ୍ଧ ନିଜ ଜୀବନ ପାଇଁ ସୁରକ୍ଷା ପାଇବେ ଏବଂ ଦୁର୍ବଳ ମଣିଷ ନିଜକୁ ଏକ ମନେ କରିବ ନାହିଁ । ଶେଷରେ ବିକାଶର ପ୍ରଶ୍ନ ଅଟ୍ଟାଳିକା କେତେ ଉଚ୍ଚ ହେଲା ତାହା ନୁହେଁ, ମଣିଷର ଜୀବନ କେତେ ଉଚ୍ଚ ହେଲା ତାହା।

# ଅନ୍ତଃଶୁଦ୍ଧିର ମହାପର୍ବ ନବରାତ୍ର

**ଗୋପାଳ ମହାପାତ୍ର**

ଭାରତ ହେଉଛି ପର୍ବପର୍ବାଣୀର ଦେଶ, ଯେଉଁଠି ସବୁ ପର୍ବର ଏକ ବିଶେଷ ମହତ୍ୱ ରହିଛି। ଏଭଳି ଏକ ମହତ୍ୱପୂର୍ଣ୍ଣ ପର୍ବ ହେଉଛି ନବରାତ୍ର। ଏହି ପର୍ବରେ ମା ଦୁର୍ଗାଙ୍କର ନଅଟି ରୂପର ଉପାସନା ଏବଂ ଆରାଧନା କରାଯାଇଥାଏ। ନବରାତ୍ରୀ ମା ଦୁର୍ଗାଙ୍କ ପାଇଁ ସମର୍ପିତ, ଯିଏ ଶକ୍ତି, ସାହାସ ଏବଂ ନାରୀ ଶସକ୍ତିକରଣର ପ୍ରତୀକ ଅଟନ୍ତି। ନବରାତ୍ରୀ ର ଅର୍ଥ ହେଉଛି ୯ଟି ରାତ୍ରୀ। ଭାରତୀୟ ଧର୍ମ ଏବଂ ଦର୍ଶନରେ ଏହି ୯ ଦିନର ଐତିହାସିକ ମହତ୍ୱ ରହିଛି ଏବଂ ଏହି ସମୟରେ ଅନେକ ଦିବ୍ୟ ଘଟଣା ଘଟିଥିବା କଥା ହିନ୍ଦୁ ପୌରାଣିକ ଗ୍ରନ୍ଥ ମାନଙ୍କରେ ଉଲ୍ଲେଖ ରହିଛି। ମା ଦୁର୍ଗାଙ୍କର ୯ଦିନର ୯ଟି ରୂପକୁ ନବଦୁର୍ଗା ଭାବେ ନାମିତ କରାଯାଇଛି ଯଥା-ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘ□ା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଏବଂ ସିଦ୍ଧଦାତ୍ରୀ।

ନବରାତ୍ର ବର୍ଷରେ ଦୁଇଥର ଆସିଥାଏ। ପ୍ରଥମ ନବରାତ୍ର ବସନ୍ତ ଋତୁ ସମୟରେ ଚୈତ୍ର ମାସରେ ଆସିଥାଏ ଓ ଏହାକୁ ଚୈତ୍ର ନବରାତ୍ର କୁହାଯାଇଥାଏ। ଦ୍ୱିତୀୟ ନବରାତ୍ର ଶରତ ଋତୁରେ ପଡ଼ିଥାଏ। ଏହି ଶରତ ନବରାତ୍ର ଆଶ୍ୱୀନ ମାସରେ ପାଳନ କରାଯାଇଥାଏ। ଦେଶରେ ଏହି ଶରତ ନବରାତ୍ର କୁ ବିଶେଷ ଭାବେ ଧୁମ୍‌ଧାମ ରେ ପାଳନ କରାଯାଇଥାଏ। ନବରାତ୍ର ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟ ର ବିଜୟର ଶିକ୍ଷା ଦେଇଥାଏ। ନବରାତ୍ରୀ ମଣିଷ ଭିତରେ ଥିବା ମୂଳଭୁତ ସତ୍ୟରେ ନକରାତ୍ମକତା ଠାରୁ ବିଜୟ ପ୍ରାପ୍ତି ଏବଂ ନିଜକୁ ଅଲୌକିକ ସ୍ୱରୂପ ସହ ସାକ୍ଷାତ ବାବଦରେ ଶିକ୍ଷା ଦେଇଥାଏ। ଭାରତୀୟ ଜନ ଜୀବନରେ ଧର୍ମର ଗୁରୁତ୍ୱ ଅଧିକ ରହିଛି। ଭାରତରେ ସବୁ ଧର୍ମର ଲୋକେ ନିଜ ନିଜ ଧର୍ମର ପାଳନ କରି ଦେଶରେ ଭାଇଚାରା ଭାବନା ସହ ଯୁଗ ଯୁଗରୁ ଏକାଠି ରହିଆସୁଛନ୍ତି। ଏହି କାରଣରୁ ଭାରତର ଧର୍ମ ଓ ସଂସ୍କୃତିକୁ ସାରାବିଶ୍ୱ ସର୍ବୋ□ମ ବୋଲି ମାନି ଆସୁଛି। ବିଭିନ୍ନ ଧର୍ମସହ ଯୋଡ଼ି ହୋଇଥିବା ଅନେକ ପର୍ବ ମଧ୍ୟ ରହିଛି ଯେଉଁ ପର୍ବକୁ ଭାରତର କୋଣ ଅନୁକୋଣରେ ଲୋକେଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି। ଏହି ପର୍ବ ମଧ୍ୟରୁ ନବରାତ୍ର ଅନ୍ୟତମ। ଶରତ ଋତୁର ପ୍ରାରମ୍ଭ ସମୟକୁ ଜଳବାୟୁ ଏବଂ ସୂର୍ଯ୍ୟଙ୍କ ପ୍ରଭାବର ଗୁରୁତ୍ୱପୂର୍ଣ୍ଣ ସଙ୍ଗମ ବୋଲି କୁହାଯାଏ।ଏହି ସମୟକୁ ଦୁର୍ଗାଙ୍କ ପୂଜା ପାଇଁ ପବିତ୍ର ସମୟ ବୋଲି କୁହାଯାଇଛି। ପର୍ବର ତିଥି ଚନ୍ଦ୍ରଙ୍କ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ। ପ୍ରାକ୍‌ଐତିହାସିକ କାଳରୁ ଏହି ପୂଜା କରାଯାଉଥିବା ସମ୍ପର୍କରେ ତଥ୍ୟ ରହିଛି।ଏହି ସମୟରେ ଦୁର୍ଗାଙ୍କ ଶକ୍ତିର ପୂଜା କରାଯାଏ। ପ୍ରତ୍ୟେକଦିନ ଦୁର୍ଗାଙ୍କର ଏକ ଭିନ୍ନ ରୂପ କୁ ପୂଜା କରାଯାଇଥାଏ। ଦୁର୍ଗା ଶବ୍ଦର ଅର୍ଥ ହେଉଛି ଯିଏ ଜୀବନର ଦୁଃଖ ଦୁର କରିଥାଏ। ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବିଧିରେ ଏହି ପର୍ବ ଓ ପୂଜାର୍ଚ୍ଚନା କରାଯାଇଥାଏ। ଧାର୍ମିକ ମାନ୍ୟତା ଅନୁସାରେ ଏହି ନବରାତ୍ରୀ ମାନଙ୍କରେ ମା ଦୁର୍ଗା ପୃଥିବୀ ପୃଷ୍ଠକୁ ଆସଥାନ୍ତି। ତାଙ୍କ ଧରାବତରଣ ର ଖୁସିରେ ଏହି ଦିନ କୁ ଦୁର୍ଗା ଉତ୍ସବ ଭାବେ ସାରା ଦେଶରେ ପାଳନ କରାଯାଇଥାଏ। ନବରାତ୍ରୀ ର ଅନ୍ତିମ ଦିନ କୁ ମହାନବମୀ କୁହାଯାଏ। ଶକ୍ତି ଉପାସନାର ଏହି ପର୍ବ ଶାରଦୀୟ ନବରାତ୍ର ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନଅଟି ତଥି, ନଅଟି ନକ୍ଷେତ୍ର, ନଅଟି ଶକ୍ତି କୁ ନବଧା ଭକ୍ତି ର ସହ ପାଳନ କରାଯାଏ।

ପ୍ରତ୍ୟହ ଦୁର୍ଗାଙ୍କ ଭିନ୍ନ ଭିନ୍ନ ରୂପର ପୂଜା କରାଯାଇଥାଏ। ମା ଦୁର୍ଗାଙ୍କ ନବମ ରୂପ ବା ଶକ୍ତିର ନାମ ସିଦ୍ଧଦାତ୍ରୀ। ସେ ସବୁ ପ୍ରକାରର ସିଦ୍ଧି ପ୍ରଦାନ କରିପାରନ୍ତି। ତାଙ୍କ ବାହନ ହେଉଛି ସିଂହ ଏବଂ ସେ ପଦ୍ମ ଫୁଲ ଉପରେ ଆସୀନ ହୋଇଥାନ୍ତି। ଏହି ପର୍ବ ସହ ଅନେକ ପୌରାଣିକ କଥା ଯୋଡ଼ି ହୋଇ ରହିଛି। କଥା ଅନୁସାରେ ମା ଦୁର୍ଗା ମହିଷାସୁର କୁ ବଧ କରିଥିଲେ। ମହିଷାସୁର ର ତପସ୍ୟାର ଏକାଗ୍ରତା ରେ ମୁଗ୍ଧ ହୋଇ ଦେବତା ମାନେ ତାଙ୍କୁ ଅଜେୟ କର ପ୍ରଦାନ କରିଥିଲେ। କିନ୍ତୁ ମହିଷାସୁର ତାର ଶକ୍ତିର ଅସତ୍ ଉପଯୋଗ କରିବାରୁ ଦେବତା ମାନେ ଚିନ୍ତିତ ହୋଇ ପଡ଼ିଥିଲେ। ମହିଷାସୁର ର ଦୁଃସାହସ ରେ କ୍ରୋଧିତ ହୋଇ ଦେବତା ମାନେ ଦେବୀଦୁର୍ଗାଙ୍କ ରଚନା ଓ ଉପାସନା କରିଥିଲେ। ମହିଷାସୁର ର ବଧ ପାଇଁ ଦେବତା ମାନେ ଦୁର୍ଗାଙ୍କୁ ସେମାନଙ୍କ ଶକ୍ତି ଓ ଅସ୍ତ୍ର ପ୍ରଦାନ କରିଥିଲେ। ଏହି ନଅଦିନ ଦେବୀ ଦୁର୍ଗା ଓ ମହିଷାସୁର ମଧ୍ୟରେ ସଂଗ୍ରାମ ହୋଇଥିଲା ଓ ଦୁର୍ଗା ମହିଷାସୁର କୁ ବଧ କରି ମହିଷାମର୍ଦ୍ଦିନୀ ନାମ ପାଇଥିଲେ। ନବଦୁର୍ଗା ଏବଂ ଦଶ ମହାବିଦ୍ୟା ମଧ୍ୟରେ କାଳୀ ହେଉଛନ୍ତି ପ୍ରଥମ ଓ ପ୍ରମୁଖ। ଭଗବାନ ଶିବଙ୍କ ଶକ୍ତିରେ ଉଗ୍ର ଏବଂ ସୌମ୍ୟ, ଦୁଇ ରୂପରେ ଅନେକ ରୂପ ଧାରଣ କରିଥିବା ଦଶମହାବିଦ୍ୟା ଅନନ୍ତ ସିଦ୍ଧି ପ୍ରଦାନ କରିବାରେ ସମର୍ଥ ଅଟନ୍ତି।ଦଶ ମହାବିଦ୍ୟାର ଦଶମ ସ୍ଥାନରେ କମଳା ବୈଷ୍ଣବୀ ଶକ୍ତି ଅଟନ୍ତି। କମଳା ହେଉଛନ୍ତି ପ୍ରାକୃତିକ ସମ୍ପ□ର ଅଧିଷ୍ଠାତ୍ରୀ ଦେବୀ। ଏହାଙ୍କୁ ଲକ୍ଷ୍ମୀ ବୋଲି ମଧ୍ୟ କୁହାଯାଏ। ଦେବତା, ଦାନବ, ମାନବ ସମସ୍ତେ ଏହାଙ୍କ କୃପା ବିନା ପଙ୍ଗୁ,ଏଥିପାଇଁ ଆଗମ-ନିଗମ ଉଭୟରେ ଏହାଙ୍କ ଉପାସନା ସମାନ ରୂପରେ ବର୍ଣ୍ଣନା କରାଯାଇଛି। ଏହାଙ୍କ କୃପା ପାଇଁ ସମସ୍ତେ ଲାଳାୟିତ।ନବରାତ୍ର ସମୟରେ ଉପାସନା କଲେ ଶରୀରରୁ ବିଷାକ୍ତ ଭାବ/ପଦାର୍ଥ ବାହାରିଯାଇ ଥାଏ ଫଳରେ ଶରୀର ସୁସ୍ଥ ଏବଂ ନିରୋଗ ରହିଥାଏ। ନବରାତ୍ର ସମୟରେ ଧ୍ୟାନ, ଯୋଗ ଏବଂ ଭକ୍ତି ଭାବରେ ରହିଲେ ମନକୁ ଶାନ୍ତି ମିଳିଥାଏ। ନବରାତ୍ର ପୂଜା ପର୍ବରେ ମୂଳ ଉଦେଶ୍ୟ ହେଉଛି ଇନ୍ଦ୍ରୀୟ ସଂଜମ ଏବଂ ଆଧାତ୍ମିକ ଶକ୍ତିର ସ□ୟ। ବସ୍ତୁତଃ ନବରାତ୍ର ହେଉଛି ଅନ୍ତିଃଶୁଦ୍ଧିର ମହାପର୍ବ।

ରାମଚନ୍ଦ୍ରପୁର, ଗଣପୁର
ମୋ-୯୪୩୮୪୮୫୦୯୪

# ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନଂ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ମନୁଷ୍ୟର ଶରୀର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କର ଏକ ଅନବଦ୍ୟ ଆଶୀର୍ବାଦ। ଏହି ଶରୀରର ଉଦ୍ଦେଶ୍ୟ ହେଉଛି ଧର୍ମ ସାଧନ ଓ ଆମ୍ଭମାନଙ୍କର ଗନ୍ତବ୍ୟ ହେଲା ଈଶ୍ୱର ପ୍ରାପ୍ତି ଅର୍ଥାତ୍ ଧାରଣ, ପାଳନ ଓ ସମ୍ବୋଗସିଦ୍ଧ ବ୍ୟକ୍ତିତ୍ୱ। ମନୁଷ୍ୟ ଶରୀରର ସାମଗ୍ରିକ ସ୍ୱାସ୍ଥ୍ୟ ନିର୍ଭର କରେ – ଶାରୀରିକ, ମାନସିକ ଓ ଆଧାତ୍ମିକ ଏହି ତିନୋଟି ସ୍ତମ୍ଭ ଉପରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସ୍ୱାସ୍ଥ୍ୟ ଏକ ସାମଗ୍ରିକ ଆହ୍ୱାନ। ମନୁଷ୍ୟର ପିତାମାତା, ଶିକ୍ଷକ, ସାମାଜିକ ଗୁରୁ ଓ ସର୍ବୋପରି ଆଧାତ୍ମିକ ଗୁରୁ ମାନଙ୍କ ଆଶୀର୍ବାଦରେ ମନୁଷ୍ୟ ଏହି ନିଖୁଣ ସ୍ୱାସ୍ଥ୍ୟ ଲାଭ କରେ। ଖାଦ୍ୟର ଉଦ୍ଦେଶ୍ୟ ମନୁଷ୍ୟ ଶରୀର, ମନ ଓ ଆଧାତ୍ମିକ ଚିନ୍ତନକୁ ଉପଯୁକ୍ତ ଦିଗରେ ପରିଚାଳନ କରିବା। ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର କୋଟି କୋଟି ଭକ୍ତ ଶିଷ୍ୟ ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଦିଗନ୍ତ ପ୍ରସାରୀ ଆହ୍ୱାନ ଦେଇ କହିଛନ୍ତି – ମାଛ, ମାଂସ ଖାଇବ ନାହିଁ, ପିଆଜ, ରସୁଣ ମାଦକ ଛାଡ଼। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତିରୁ ବର୍ଣ୍ଣନା କଲେ – ମାଛ, ମାଂସର ଜୈବକୋଷ ଉପାଦାନ ଆମ୍ଭ ମାନଙ୍କ ଶରୀରରେ ପ୍ରବେଶ କରି ଶରୀରର ଜୈବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟି କରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିଉଠାଏ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟି ହେଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ଆୟୁଷର କ୍ଷତି ଘଟେ। କାରଣ ସ୍ୱାଭାବିକ ନିୟମରେ ଯେଉଁ ବୃଦ୍ଧି ହୁଏତ ଦଶବର୍ଷରେ ହେବାର କଥା ତାହା ହୁଏତ ପାଞ୍ଚ ବର୍ଷ ମଧ୍ୟରେ ହୋଇଗଲା। ଏହାପରେ ହିଁ ଆରମ୍ଭ ହୁଏ ପ୍ରତିକ୍ରିୟା ଓ ମନୁଷ୍ୟର ଆୟୁଷ କମିଯାଏ। ଆମିଷ ଖାଦ୍ୟ ଖାଇଲେ ଶରୀର ମଧ୍ୟରେ ଏକ ବିଷକ୍ରିୟା ସୃଷ୍ଟି ହୋଇ ସ୍ନାୟୁ ଓ ମସ୍ତିଷ୍କ କୋଷ ଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସାମ୍ୟ ଓ କ୍ରମାଗତିହରା ହୋଇଉଠନ୍ତି। ସୂକ୍ଷ୍ମ ଅନୁଭୂତି ଗୁଡ଼ିକୁ ଧରିହୁଏ ନାହିଁ। ଗୋଟିଏ ଦିନ ଆମିଷ ଖାଇଲେ ଅନ୍ତତଃ ଦୁଇ ତିନି ସପ୍ତାହ ପର୍ଯ୍ୟନ୍ତ ତାର କୁକ୍ରିୟା କାର୍ଯ୍ୟକରେ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ମତରେ ଯେଉଁମାନେ ଉନ୍ନତର ଆଧାତ୍ମିକ ଜୀବନଯାପନ କରିବାକୁ ଚାହାଁନ୍ତି, ସୁସ୍ଥ ଦେହ ଓ ସ୍ୱଚ୍ଛନ୍ଦ ମନରେ କ୍ରମାଗତ ଭାବରେ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଦ୍ୟ ଖାଇବା ଉଚିତ।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପନିପରିବା ଓ ମାଂସ ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ବ୍ୟାଖ୍ୟା କରି କହିଲେ ପନିପରିବା (ଭେଜିଟେବଲ୍) ଅର୍ଥ ଜୀବନ୍ତ ଓ ଜାଗ୍ରତ କରି ଉଠାଇବା, କିନ୍ତୁ ମାଂସ (ଫ୍ଲେଶ୍) ଶବ୍ଦର ସେପରି କୌଣସି ଅର୍ଥ ନାହିଁ। ଆମିଷ ଖାଦ୍ୟ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ ଓ ସୁସଙ୍ଗତ ନହେଲେ ତାହା ଶରୀରକୁ ପୋଷଣ ଦେଇପାରେ ନାହିଁ। ନିରାମିଷ ଆହାରରେ ଶକ୍ତି ବଢ଼େ। କିନ୍ତୁ ପ୍ରଶ୍ନ ଉଠେ ଚିକିତ୍ସକମାନେ କାହିଁକି ଆମିଷ ଖାଦ୍ୟ ଖାଇବା ପାଇଁ ମତ ଦିଅନ୍ତି ? ଦୟାଲ ପୁରୁଷ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଚିକିତ୍ସକମାନଙ୍କର ମତାମତ ଆସେ ତାଙ୍କର ବୁଝିବା ଓ ଜ୍ଞାନଠାରୁ। ନିରାମିଷ ଆହାର ଆମ୍ଭମାନଙ୍କ ଶରୀର ବିଧାନ ପକ୍ଷରେ ସଂଗତିଶୀଳ। କିନ୍ତୁ ଆମିଷ ଆହାର ତାହା ନୁହେଁ। ନିଜସ୍ୱ ଅନୁଭୂତିରୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଥରେ ପିଆଜମିଶ୍ରିତ ଖେଚୁଡ଼ି ଖାଇ ମୋତେ ୧୦୫ ଡିଗ୍ରୀ ଜ୍ୱର ହୋଇଥିଲା। ମାଛ ଖାଇବା ଓ ନଖାଇବା – ମୁଁ ଭଲ ଭାବରେ ପରୀକ୍ଷା କରି ଦେଖିଛି। ମାଛ ନଖାଇ ନାମ ଧ୍ୟାନ କରି ଦେଖିଛି। ମନଟି ଅତି ଶୀଘ୍ର ଉପରକୁ ଉଠିଯାଏ, ଆଉ ଯେତେବେଳେ ଆମିଷ ଖାଦ୍ୟ ଖାଇଛି, ସେତେବେଳେ ନାମ କଲେ ମଧ୍ୟ ମନର ପ୍ରସାରଣ ହୁଏନାହିଁ, କ୍ରମାଗତି କଟିଯାଏ, କ୍ଲାନ୍ତି ଆସେ। ଆମିଷ ଆହାର ଏକ ବିକୃତ ରୁଚି। ଗୋଟିଏ ମନୁଷ୍ୟକୁ ହତ୍ୟାକଲେ ସେ ଯେଉଁଭଳି ବ୍ୟଥା ଓ ଯନ୍ତ୍ରଣା ଅନୁଭବ କରେ, ଗୋଟିଏ ଜୀବକୁ ହତ୍ୟା କଲେ ମଧ୍ୟ ସେ ସେହିଭଳି କଷ୍ଟ ପାଏ। ପ୍ରତ୍ୟେକ ଜୀବ ହେଉଛନ୍ତି ଏକ କ୍ଷୁଦ୍ରାଦପିକ୍ଷୁଦ୍ର ମନୁଷ୍ୟ। ନରହତ୍ୟା କଥା ଶୁଣିଲେ ଆମେ ଆତଙ୍କିତ ହେଉ, କିନ୍ତୁ ଜୀବହତ୍ୟା ବେଳେ କିଛି ବୋଧ ଆସେନାହିଁ, ଏହାର ଅର୍ଥ ହେଉଛି – ଆମ୍ଭମାନଙ୍କର ବୋଧବୃତ୍ତି ପ୍ରବୃତ୍ତିଆବିଳ, ସ୍ଥୁଳ, ହୃଦୟହୀନ ଓ ସହାନୁଭୂତି ଶୂନ୍ୟ। ସମଗ୍ର ସ୍ନାୟୁବିକ ବିଧାନ ଆମିଷ ଖାଦ୍ୟରେ କ୍ଷତିଗ୍ରସ୍ତ ହୁଏ, ଦୃଷ୍ଟିଶକ୍ତି କମିଯାଏ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଜସ୍ୱ ଅଭିଜ୍ଞତାରୁ କହିଛନ୍ତି – କୌଣସି ଦିନ ଯଦି ମାଛ ଖାଇଥିଲି ତାହାପରେ ବେଶ କିଛିଦିନ ଧ୍ୟାନଧାରଣା ଓ ଭଜନଅନୁଭୂତି କମି ଯାଉଥିଲା। ଜ୍ୟୋତି ଓ ଶବ୍ଦର ଅନୁଭୂତି କ୍ଷୀଣ ହେଉଥିଲା ଓ ଆନନ୍ଦର ଉତ୍ସ ଶୁଖି ଯାଉଥିଲା। ନିଜର ଅଭିଜ୍ଞତା ଉପରେ ମୋର ଅକାଟ୍ୟ ବିଶ୍ୱାସ ଯେ ଉଚ୍ଚତର ଅନୁଭୂତି ରାଜ୍ୟରେ ଯିବାକୁ ହେଲେ, ଚିନ୍ତା – ଚଳନ ଓ ଚରିତ୍ରକୁ ଯିଏ ସ୍ଥୈର୍ଯ୍ୟ-ସମନ୍ୱିତ କରିବାକୁ ଚାହେଁ, ସେମାନଙ୍କୁ ଆମିଷ ଆହାର ବର୍ଜନ କରିବାକୁ ହେବ। ଆମିଷ ଖାଦ୍ୟରେ ଯେଉଁ ବୃଦ୍ଧି ଘଟେ ତାହା ଆୟୁଷ ବିନିମୟରେ। ଏହା ଆମର କାମ୍ୟ ନୁହେଁ। ଜୀବନ ଯେଉଁଭଳି ଦୀର୍ଘାୟିତ ହୁଏ ତାହା କରିବା ହିଁ ଭଲ। ନିରାମିଷ ଖାଦ୍ୟ ଓ ସୁନିୟନ୍ତ୍ରିତ ଚଳନ ହିଁ ଦୀର୍ଘ ଆୟୁ ପକ୍ଷେ ସହାୟକ। ସୁନିୟନ୍ତ୍ରିତ ଚଳନ ନିମିତ୍ତ ତିନୋଟି ଜିନିଷର ପ୍ରୟୋଜନ। ପ୍ରଥମ ହେଲା ସୁକୈନ୍ଦ୍ରିକ ଇଚ୍ଛାଶକ୍ତି। ଏହା ନଥିଲେ ମନୁଷ୍ୟ ଜୀବନରେ ବିରୋଧି ଶକ୍ତି ଗୁଡ଼ିକୁ ଆୟତ୍ତରେ ଆଣିପାରେ ନାହିଁ। ଜୀବନର ଘାତ ପ୍ରତିଘାତରେ ଦୁର୍ବଳ ଓ ହତାଶ ହୋଇପଡ଼େ ଓ ପ୍ରତିରୋଧକ କ୍ଷମତା କମିଯାଏ। ରୋଗ ବ୍ୟାଧି ଚାପି ଧରେ। ଦ୍ୱିତୀୟ ହେଲା- ସୁନିୟନ୍ତ୍ରିତ ଦାମ୍ପତ୍ୟ ଜୀବନ ଓ ତୃତୀୟ ହେଲା – ଶାନ୍ତିପୂର୍ଣ୍ଣ ପାରିବାରିକ ପରିବେଶ।



ଜାନ୍ତବ କୋଷ, ଜାନ୍ତବ କୋଷକୁ ହଜମ କରିବାକୁ ଚାହେଁନାହିଁ ବରଂ ପ୍ରତ୍ୟାଖ୍ୟାନ କରେ। ଜାନ୍ତବ କୋଷ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ କୋଷ ବିଭାଜନ ବୃଦ୍ଧି ଘଟାଏ ଓ ଏଥିଯୋଗୁଁ ଶରୀରର ପ୍ରତିରୋଧକ କ୍ଷମତା କମିଯାଏ। କ୍ଷୀର ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। ଖାଦ୍ୟରେ ସ୍ପର୍ଶ ଦୋଷ ମଧ୍ୟ ଦେଖିବାକୁ ହୁଏ। ଯାହାଙ୍କ ହାତରେ ଖାଦ୍ୟ ଖିଆଯାଏ ତାଙ୍କର ମାନସିକ ଅବସ୍ଥା, ଚିନ୍ତା ଓ ପ୍ରବୃତ୍ତିର ସ୍ପର୍ଶ ଖାଦ୍ୟ ଭିତର ଦେଇ ଅନ୍ୟର ଶରୀରକୁ ପ୍ରବେଶ କରେ। ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ରହିଛି । ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ । ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ । ତାହାଶୁଣି ଦ୍ରୌପଦୀ ତାଚ୍ଛଲ୍ୟକରି ହସିବାକୁ ଲାଗିଲେ । କାଳେ ପିତାମହ ଖରାପ ଭାବିବେ, ସେଥିପାଇଁ ପାଣ୍ଡବମାନେ ଦ୍ରୌପଦୀଙ୍କୁ ବାରଣ କଲେ । ଭୀଷ୍ମ ହସିବାର କାରଣ ବିଷୟ ପଚାରିବାରୁ ଦ୍ରୌପଦୀ କହିଲେ – ଆପଣ ଏତେଦିନ ଧରି କୌରବମାନଙ୍କର ଉପଦେଷ୍ଟା ହୋଇ ରହି ତାଙ୍କୁ ଯଦି ଏ ବିଷୟରେ ଶିକ୍ଷା ଦେଇଥାଆନ୍ତେ ଓ ନିଜେ ଯୁଦ୍ଧ କରିବାରୁ ନିବୃତ୍ତ ରହିଥାଆନ୍ତେ, ତା'ହେଲେ ଆଜି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏହି ଧାରଣା ମୋ ମନରେ ଆସିବାରୁ ଆପଣଙ୍କ କଥା ଶୁଣି ମୋତେ ହସ ଲାଗିଲା । ଭୀଷ୍ମ ଉତ୍ତର ଦେଲେ – କୌରବମାନଙ୍କ ଅନ୍ନରେ ମୋର ଏ ଶରୀର ପ୍ରତିପାଳିତ ହୋଇ ଆସୁଥିବାରୁ ମୋ' ଶରୀରର ରକ୍ତ ସେମାନଙ୍କ ଖାଦ୍ୟ ଦ୍ୱାରା ଗଠିତ ହୋଇଥିଲା । ତେଣୁ ସେମାନେ ମୋତେ ଯାହା ଚାହୁଁଥିଲେ ମୋ'ମନ ତାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ଓ ମୁଁ ତାହା କରୁଥିଲି । ଶରଶଯ୍ୟାରେ ରହିବା ଫଳରେ ମୋ'ଦେହରୁ ସେ ଦୂଷିତ ରକ୍ତ ବାହାରିଯାଇ ମୋ'ମନକୁ ପବିତ୍ର କରି ଦେଇଛି । ତେଣୁ ମୁଁ ଆଜି ଏ ଉପଦେଶ ଦେବାକୁ ସମର୍ଥ ହୋଇଛି । ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଖାଦ୍ୟ ସମ୍ବନ୍ଧରେ ଏହି ଆହ୍ୱାନକୁ ଆମେ ବିନମ୍ର ଭାବେ ଗ୍ରହଣ କରୁଛୁ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଶ୍ରୀଯନ୍ତ୍ର ସ୍ଥାପନର ନିୟମ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଶ୍ରୀଯନ୍ତ୍ର ବୈଭବ ଏବଂ ସମୃଦ୍ଧିର ପ୍ରତୀକ। ବାସ୍ତୁଶାସ୍ତ୍ର ଏବଂ ଜ୍ୟୋତିଷରେ ଏହାକୁ ମା'ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ କରିବାର ସବୁଠୁ ପ୍ରଭାବୀ ସାଧନ ବୋଲି କୁହାଯାଏ। ଘରେ ଶ୍ରୀଯନ୍ତ୍ରକୁ ଠିକ ଭାବେ ସ୍ଥାପନା କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଜାୟ ରହେ। ଧନ, ସମୃଦ୍ଧି ଆସେ, ନକାରାତ୍ମକ ଶକ୍ତି ଦୂର ହୁଏ। ଶ୍ରୀଯନ୍ତ୍ର ସ୍ଥାପନ ପୂଜା ଘରେ କରିବାକୁ ସବୁଠୁ ଉତ୍ତମ ବୋଲି ବିବେଚନା କରାଯାଏ। ଯଦି ପୂଜା ଘରେ ଉପଲବ୍ଧ ନ ହେଉଛି ଏହାକୁ ଆଲମାରିରେ ରଖିପାରିବେ। ଯେଉଁଠି ଧନ ସମ୍ବନ୍ଧିତ ଜିନିଷ ରଖାଯାଏ। ଧୂଳି ମାଟି ଅପରିଷ୍କାର ସ୍ଥାନରେ ରଖନ୍ତୁ ନାହିଁ। ଉତ୍ତର ପୂର୍ବ ଦିଗ ଶ୍ରୀଯନ୍ତ୍ର ସ୍ଥାପନ ପାଇଁ ଶୁଭ ଦିଗ ବୋଲି ବିବେଚନା କରାଯାଉଛି। ଶ୍ରୀଯନ୍ତ୍ର ଶୁକ୍ରବାର ସ୍ଥାପନ କରିବାକୁ ଉତ୍ତମ ବୋଲି କୁହାଯାଏ। ଶୁକ୍ରବାର ମା'ଲକ୍ଷ୍ମୀ ଏବଂ ଶୁକ୍ର ଗ୍ରହଙ୍କ ଦିନ। ଶୁକ୍ରବାର ସକାଳେ ଏବଂ ଲକ୍ଷ୍ମୀପୂଜା ମୁହୂର୍ତ୍ତରେ ସ୍ଥାପନ କରିବା ଉଚିତ। ଏହା ପୂର୍ଣ୍ଣିମା, ଅଷ୍ଟମୀ, ଶୁକ୍ରବାର ପଡୁଥିବପା କୌଣସି ଶୁଭ ତିଥିରେ ସ୍ଥାପନ ପାଇଁ ଉତ୍ତମ। ସ୍ଥାପନ ସମୟରେ ଘରେ ଶୁଦ୍ଧତା ବଜାୟ ରଖିବା ଉଚିତ। ତେବେ ପ୍ରଥମେ ଶ୍ରୀଯନ୍ତ୍ରକୁ କଞ୍ଚାକ୍ଷୀରରେ ଧୋଇବାକୁ ହେବ। ପୁଣି ଗଙ୍ଗା ଜଳରେ ଭଲ ଭାବେ ଶୁଦ୍ଧ କରନ୍ତୁ। ପୂଜା ସ୍ଥାନକୁ ସଫା କରିବା ଲାଗି ନାଲି ନଚେତ ହଳଦିଆ କପଡ଼ା ବିଛାନ୍ତୁ। ଶ୍ରୀଯନ୍ତ୍ରକୁ ସ୍ଥାପନ କରିବା ସମୟରେ ମନ୍ତ୍ର ଜପ କରନ୍ତୁ। ଶ୍ରୀଯନ୍ତ୍ର ସାମ୍ନାରେ ଘରେ ଦୀପ ଜଳାନ୍ତୁ। ଫୁଲ, ଅକ୍ଷତ, ଚନ୍ଦନ, ମିଠା ଅର୍ପଣ କରନ୍ତୁ। ଶେଷରେ ଲକ୍ଷ୍ମୀଙ୍କ ଆରତି କରି ପ୍ରାର୍ଥନା କରନ୍ତୁ। ଏହାକୁ ଉତ୍ତରପୂର୍ବ ଦିଗରେ ସ୍ଥାପନ କରନ୍ତୁ। କେବେ ବି ଏହାକୁ ଓଲଟା କିମ୍ବା ଅପରିଷ୍କାର କରି ରଖନ୍ତୁ ନାହିଁ। ନିୟମିତ ଶ୍ରୀଯନ୍ତ୍ରକୁ ପରିଷ୍କାର କରି ପୂଜା କରନ୍ତୁ। ଏହାକୁ ଠିକ ଭାବେ ସ୍ଥାପନ କରିବା ଦ୍ୱାରା ଜୀବନରେ ଧନ, ସମୃଦ୍ଧି, ସୁଖ, ଶାନ୍ତି ଆସେ। ଆର୍ଥିକ ପରିସ୍ଥିତିରେ ସାମ୍ନା କରୁଥିଲେ ଏହାକୁ ଠିକ ଭାବେ ସ୍ଥାପନ କରିବା ଉଚିତ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩



# ଦିଲ୍ଲୀରେ ତ୍ରିରଙ୍ଗା ପ୍ରଦର୍ଶନ, ଅଭିଜିତଙ୍କ ପରେ ନେହା ବୋରା ଅଟକ

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):** ତ୍ରିରଙ୍ଗା ଯାତ୍ରାକୁ ନେଇ ଦିଲ୍ଲୀରେ ଜୋର୍‌ଦାର ଚର୍ଚ୍ଚା । କକ୍ରୋଚ୍ ଜନତା ପାର୍ଟି (ସିଜେପି)ର 'ଲେହରା ଦୋ ତିରଙ୍ଗା' କାର୍ଯ୍ୟକ୍ରମକୁ ନେଇ କନୋଟ୍ ପ୍ଲେସ୍ ଓ ଏହାର ଆଖପାଖ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି ଦିଲ୍ଲୀ ପୁଲିସ। ଅକ୍ଟୋବର ୧୬ରେ ପ୍ରସ୍ତାବିତ ଏହି କାର୍ଯ୍ୟକ୍ରମ ପୂର୍ବରୁ ସିଜେପି ସଂସ୍ଥାପକ ଅଭିଜିତ ଦୀପକେଙ୍କୁ ପୁଲିସ ନୋଟିସ୍ ଜାରି କରିବା ସହ ଅଟକ ରଖିଛି ।ରିପୋର୍ଟ ଅନୁସାରେ, କନୋଟ୍ ପ୍ଲେସ୍‌ରେ ଥିବା ସେଣ୍ଟ୍ରାଲ୍ ପାର୍କରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ସିଜେପି ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। କିନ୍ତୁ କନୋଟ୍ ପ୍ଲେସ୍ ଅନୁମୋଦିତ ପ୍ରତିବାଦ ସ୍ଥଳ ନୁହେଁ ବୋଲି ଦର୍ଶାଇ ଦିଲ୍ଲୀ ପୁଲିସ କାର୍ଯ୍ୟକ୍ରମ ନକରିବାକୁ ଅଭିଜିତଙ୍କୁ ନୋଟିସ୍ ଦେଇଥିଲା । ଏହାପରେ ଅଭିଜିତ ଦୀପକେଙ୍କୁ ଏନ୍‌ସିପି (ଶରଦଚନ୍ଦ୍ର ପୱାର)ର ମୁଖପାତ୍ର ଅନିଶ ଗାୱାଣ୍ଡେଙ୍କ କରୋଲ ବାଗସ୍ଥିତ ବାସଭବନରୁ ପୁଲିସ ଅଟକ ରଖିଥିବା ଖବର ଆସିଛି। ଘଟଣାର ଲାଇଭ୍



ଭିଡିଓରେ ଅଭିଜିତ ପୁଲିସକୁ ପ୍ରଶ୍ନ କରୁଥିବା ଦେଖାଯାଇଛି ।ଏହି ଆନ୍ଦୋଳନ ସହ ଜଡ଼ିତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ ର ଜାତୀୟ ସଭାପତି ନେହା ବୋରା ମଧ୍ୟ ପ୍ରତିବାଦରେ ସାମିଲ ହୋଇଛନ୍ତି । ପୂର୍ବରୁ ଅକ୍ଟୋବର ୧୧ରେ ଦିଲ୍ଲୀରେ ଆନ୍ଦୋଳନ ସମୟରେ ତାଙ୍କୁ ଅଟକ ରଖାଯାଇଥିଲା। ଆଜି ନେହା ମଣ୍ଡି ହାଉସ୍ ? ଅଞ୍ଚଳରେ ପ୍ରତିବାଦ କରୁଥିବା ବେଳେ ତାଙ୍କୁ ଅଟକ ରଖାଯାଇଥିବା ରିପୋର୍ଟରୁ ପ୍ରକାଶ । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି, ବାମପନ୍ଥୀ ଛାତ୍ର ସଂଗଠନ ଓ ଅନ୍ୟ କିଛି ଗୋଷ୍ଠୀ ପ୍ରତିବାଦ କରୁଛନ୍ତି। ଭୋଟର ତାଲିକାର ସ୍ୱ ?ଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଆନ୍ଦୋଳନକାରୀଙ୍କ ଅଭିଯୋଗ। ତେବେ ନିର୍ବାଚନ ଆୟୋଗ ପକ୍ଷପାତ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଛି ଏବଂ ଭୁଲ୍ ?ରେ ନାମ ବାଦ୍ ପଡ଼ିଥିଲେ ପୁନଃ ପଞ୍ଜୀକରଣ କରିବାକୁ କହିଛି ।ପ୍ରତିବାଦକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ମ୍ୟୁନିସିପାଲ୍ କାଉନ୍‌ସିଲ୍ (ଘଉଗଉ) ଅକ୍ଟୋବର ୧୬ ଓ ୧୭ ତାରିଖରେ ସେଣ୍ଟ୍ରାଲ୍ ପାର୍କକୁ ସାଧାରଣ ଲୋକଙ୍କ ପାଇଁ ବନ୍ଦ ରଖିଛି। କନୋଟ୍ ପ୍ଲେସ୍ ଓ ଏହାର ଆଖପାଖ ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଲାଗୁ ହୋଇଥିବା ରିପୋର୍ଟ ହୋଇଛି। ଟ୍ରାଫିକ୍ ? ଉପରେ ମଧ୍ୟ ପ୍ରଭାବ ପଡ଼ିବା ଆଶଙ୍କାରେ ଯାତ୍ରୀଙ୍କୁ ଯାତ୍ରା ପୂର୍ବରୁ ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ପାଲିକା ବଜାର ଓ କନୋଟ୍ ପ୍ଲେସ୍ ଅଞ୍ଚଳରେ ପୁଲିସ ମୁତୟନ ବଢ଼ାଯାଇଛି। ପ୍ରତିବାଦକାରୀଙ୍କୁ ଘଟଣାସ୍ଥଳରୁ ହଟାଇବା ପାଇଁ ପୁଲିସ ପଦକ୍ଷେପ ନେଇଥିବା ବେଳେ ତ୍ରିରଙ୍ଗା ଯାତ୍ରାକୁ ନେଇ ରାଜନୈତିକ ତର୍କବିତର୍କ ଜାରି ରହିଛି।

# ରାହୁଲ ଗାନ୍ଧୀ ଜନସାଧାରଣଙ୍କ ଜନାଦେଶକୁ ସମ୍ମାନ ଦେବା ଉଚିତ

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):**ଶାସନ ପରିବର୍ତ୍ତନ ନାରାକୁ ନିନ୍ଦା କରିବା ସହିତ ନିର୍ବାଚନ କମିସନ (ଇସି) ବିରୋଧରେ କଂଗ୍ରେସର ଆନ୍ଦୋଳନକୁ ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ଦେଶରେ ଅରାଜକତା ସୃଷ୍ଟି କରି କ୍ଷମତା ଦଖଲ କରିବାକୁ ଷଡ଼ଯନ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି ।ସୂଚନାଯୋଗ୍ୟ, ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ରଦ୍ଦ ଓ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ କ୍ରମାଗତ ଭାବେ ବିରୋଧ ପ୍ରଦର୍ଶନ କରିଆସୁଛି। ଏହି ପ୍ରସଙ୍ଗରେ ରାଜନାଥ ସିଂହ କଂଗ୍ରେସର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ଅର୍ଥ ଅରାଜକତା ସୃଷ୍ଟି କରିବା ନୁହେଁ ବୋଲି ରାଜନାଥ କହିଛନ୍ତି ।ରାଜନାଥ ଅଭିଯୋଗ କରିଛନ୍ତି ଯେ, ବିଶୃଙ୍ଖଳାର ରାଜନୀତିରେ ଦେଶର ଯୁବପିଢ଼ିଙ୍କୁ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରାଯାଉଛି। କେତେକ ବାଂଲାଦେଶର ଘଟଣାବଳୀ ଅନୁସାରେ ଶାସନ ପରିବର୍ତ୍ତନ ଚାହୁଁଛନ୍ତି, ସେମାନଙ୍କର ସଂଘର୍ଷ ନା



ନିର୍ବାଚନୀ ସଂସ୍କାର ପାଇଁ, ନା ଦେଶର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ, ବରଂ ଦେଶରେ ଅରାଜକତା ସୃଷ୍ଟି କରି କ୍ଷମତା ଦଖଲ କରିବାର କେବଳ ଷଡ଼ଯନ୍ତ୍ର। ବିଭ୍ରାଟର ରାଜନୀତିରେ ଲିପ୍ତ ରହିବା ପରିବର୍ତ୍ତେ ରାହୁଲ ଗାନ୍ଧୀ ଜନସାଧାରଣଙ୍କ ଜନାଦେଶକୁ ସମ୍ମାନ ଦେବା ଉଚିତ ଓ ତାଙ୍କ ରାଜନୈତିକ ଭୂମିକାର ଆତ୍ମନିରୀକ୍ଷଣ କରିବା ଉଚିତ ବୋଲି ରାଜନାଥ କହିଛନ୍ତି ।ରାଜନାଥ କହିଛନ୍ତି, ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତି ଏକ ଅକ୍ଷମଣୀୟ ଅପରାଧ ଥିଲା। ଦ୍ୱିତୀୟ ଅକ୍ଷମଣୀୟ ଅପରାଧ ଥିଲା ୧୯୮୪ ମସିହାରେ କଂଗ୍ରେସ ସୁରକ୍ଷାରେ ଶିଖ ଭାଇଭଉଣୀଙ୍କ ନରସଂହାର। ତୃତୀୟ ଅକ୍ଷମଣୀୟ ଅପରାଧ ଥିଲା ୧୯୯୦ ମସିହାରେ ରାମ ଭକ୍ତ ଓ କର ସେବକଙ୍କ ରକ୍ତପାତ ପାଇଁ ଦାୟୀ ଲୋକଙ୍କୁ ସମର୍ଥନ କରି ସେମାନଙ୍କ ସରକାରକୁ ବଞ୍ଚାଇବା। ଆଜି ରାହୁଲ ଗାନ୍ଧୀ ସମ୍ବିଧାନକୁ ନିଜ ପକେଟରେ ରଖି ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। କଂଗ୍ରେସର ଇତିହାସର ପୃଷ୍ଠା ଓଲଟାଇ ଦେଖିଲେ ଅନେକ କଳା ଅଧ୍ୟାୟ ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ମଣିପୁରରେ ନାଗା-କୁକି ସଂଘର୍ଷ: କାମଜୋଙ୍ଗରେ କୁକି ମହିଳାଙ୍କୁ ହତ୍ୟା

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):**ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଗୁରୁବାର ସନ୍ଦିଗ୍ଧ ନାଗା ଉଗ୍ରବାଦୀଙ୍କ ଆକ୍ରମଣରେ ଜଣେ କୁକି-ଜୋ ମହିଳାଙ୍କ ମୃତ୍ୟୁ ହୋଇଛି ଓ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି, ରାଜ୍ୟରେ ଜାତିଗତ ହିଂସା ଜାରି ରହିଥିବାରୁ ସମ୍ପ୍ରଦାୟର ଅନ୍ୟ ଦୁଇଜଣ ନିଖୋଜ ଥିବା ରିପୋର୍ଟ ହୋଇଛି। ମୃତ ମହିଳା ହାଟନେକିମ୍ ହାଓକିପ୍ ମୋଲନୋଇ ଗାଁର ବାସିନ୍ଦା ଥିଲେ ।ପ୍ରାଥମିକ ସୂଚନା ଅନୁଯାୟୀ, ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ଏମାନେ ସମଷ୍ଟେ ଫାଇକୋହକୁ ଯାତ୍ରା କରୁଥିବା ବେଳେ ଫାଇକୋହ ଓ ଆଇଶୁ ମଧ୍ୟରେ ରାସ୍ତାରେ ସେମାନଙ୍କୁ ଆକ୍ରମଣ କରାଯାଇଥିଲା। ହାଟନେକିମଙ୍କ ସ୍ୱାମୀ ଆହତ ହୋଇଥିଲେ ଓ ସେମାନଙ୍କ ସହିତ ଥିବା ଅନ୍ୟ ଦୁଇ ଜଣ ସାଧାରଣ ନାଗରିକ ନିଖୋଜ ଅଛନ୍ତି ।କୁକି-ନାଗା ସଂଘର୍ଷରେ ଏପର୍ଯ୍ୟନ୍ତ ୧୦ ଜଣ କୁକି ଜୋ ମହିଳାଙ୍କର ମୃତ୍ୟୁ ହେଲାଣି। ମୃତକଙ୍କ ମଧ୍ୟରେ ଦୁଇଜଣ ଗର୍ଭବତୀ ମହିଳା ଥିଲେ। ୨୦୨୩ ରୁ ୨୦୨୫ ପର୍ଯ୍ୟନ୍ତ ଚାଲିଥିବା କୁକି-ମେଡେଇ ସଂଘର୍ଷ ପରେ ଏହି ସଂଘର୍ଷ ଘଟିଥିଲା ।ତିନୋଟି ଜିଲ୍ଲାରେ ନଅ ଜଣଙ୍କ ମୃତ୍ୟୁ ହେବାର ପାଞ୍ଚ ଦିନ ପରେ ଏହି ଆକ୍ରମଣ ହୋଇଛି। ଚଳିତ ବର୍ଷ ଫେବ୍ରୁଆରିରେ କୁକି-ନାଗା ସଂଘର୍ଷ ଆରମ୍ଭ ହେବା ପରଠାରୁ, ଅତି କମରେ ୨୨ ନାଗା ଓ ୩୨ କୁକି-ଜୋ ଲୋକଙ୍କ ମୃତ୍ୟୁ ଘଟିଛି। ବୁଧବାର ବିଳମ୍ବିତ ରାତିରେ ସୁରକ୍ଷା ବାହିନୀ କାଙ୍ଗପୋକପି ଜିଲ୍ଲାରେ ଜଣେ ନାଗା ଅଜିନବୋଉ ରିଙ୍ଗକାମାଇଙ୍କ କଟା ମୁଣ୍ଡ ପାଇଛନ୍ତି।

# ସିଜେପି ପ୍ରତିବାଦକୁ ନେଇ ସୁପ୍ରିମକୋର୍ଟଙ୍କ ତୁରନ୍ତ ନିର୍ଦ୍ଦେଶ ଦେବାକୁ ମନା

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):** କକ୍ରୋଚ ଜନତା ପାର୍ଟିର ପ୍ରତିବାଦ ପ୍ରଦର୍ଶନକୁ ନେଇ ସୁପ୍ରିମକୋର୍ଟ ତୁରନ୍ତ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ଯଦି ପ୍ରତିବାଦ କିମ୍ବା ପ୍ରଶାସନିକ ନିଷ୍ପତ୍ତି ଯୋଗୁଁ ଛୋଟ ବ୍ୟବସାୟୀଙ୍କ ଜୀବିକା ପ୍ରଭାବିତ ହେଲେ କ୍ଷତିପୂରଣ ପ୍ରସଙ୍ଗ ବିଚାର କରାଯାଇପାରେ ବୋଲି କୋର୍ଟ ସଙ୍କେତ ଦେଇଛନ୍ତି ।ଦିଲ୍ଲୀର କନଟ୍ ପ୍ଲେସ୍ ଅଞ୍ଚଳରେ CJPର ପ୍ରସ୍ତାବିତ ପ୍ରତିବାଦକୁ ନେଇ ଶୁକ୍ରବାର, ଅକ୍ଟୋବର ୧୬ରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ଏହି ମାମଲାରେ ତୁରନ୍ତ ନିର୍ଦ୍ଦେଶ ଦେବାକୁ କୋର୍ଟ ମନା କରିବା ସହ ସମସ୍ତ ପକ୍ଷଙ୍କୁ ବୁଝିବିଚାରି ପଦକ୍ଷେପ ନେବାକୁ ଆଶା ପ୍ରକାଶ କରିଥିଲେ ଭାରତର ପ୍ରଧାନ ବିଚାରପତି ।ଶୁଣାଣି ସମୟରେ ଛୋଟ ଦୋକାନୀ ଓ ରାସ୍ତାକଡ଼ ବ୍ୟବସାୟୀଙ୍କ ଜୀବିକା ପ୍ରସଙ୍ଗ ଉଠିଥିଲା। ଦିନକର ରୋଜଗାର ଉପରେ ନିର୍ଭର କରୁଥିବା ଅନେକ ପରିବାରଙ୍କ ପାଇଁ କିଛି ଦିନର ବ୍ୟବସାୟ ବନ୍ଦ ରହିବା ମଧ୍ୟ ବଡ଼ ଆର୍ଥିକ ସମସ୍ୟା ସୃଷ୍ଟି କରିପାରେ କୋର୍ଟରେ କୁହା ଯାଇଛି ।ଏହି ମାମଲାରେ ନୂଆଦିଲ୍ଲୀ ମ୍ୟୁନିସିପାଲ୍ କାଉନ୍ସିଲ୍ ପକ୍ଷରୁ ସେଣ୍ଟ୍ରାଲ୍ ପାର୍କ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି ହୋଇଥିବା କଥା ଆବେଦନକାରୀଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ଏହା ଫଳରେ ସେହି ଅଞ୍ଚଳରେ ବ୍ୟବସାୟ କରୁଥିବା ଉଠାଦୋକାନୀ ଓ ଛୋଟ ବ୍ୟବସାୟୀଙ୍କ ରୋଜଗାର ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା ।ଶୁଣାଣି ସମୟରେ କୋର୍ଟ ସ୍ପଷ୍ଟ କରିଥିଲେ ଯେ, ଯଦି ନୂଆ ଦିଲ୍ଲୀ ମୁନିସିପାଲଟି



କାଉନ୍ସିଲ ର ନିର୍ଦ୍ଦେଶ ଯୋଗୁଁ ବ୍ୟବସାୟୀଙ୍କ ଆର୍ଥିକ କ୍ଷତି ହୁଏ, ତେବେ ଏହି ପ୍ରସଙ୍ଗକୁ ବିଚାର କରାଯାଇପାରେ। କୌଣସି ପଦକ୍ଷେପ ଆବଶ୍ୟକତାଠାରୁ ଅଧିକ କିମ୍ବା ଅନୁଚିତ ବୋଲି ପ୍ରମାଣିତ ହେଲେ, ଆଇନ ଅନୁଯାୟୀ କ୍ଷତିପୂରଣ ସମ୍ପର୍କରେ ନିର୍ଦ୍ଦେଶ ଦେବାର କ୍ଷମତା ଅଦାଲତଙ୍କର ରହିଛି ବୋଲି ବିଚାରପତି ଜଷ୍ଟିସ୍ ବାଗଚୀ ସଙ୍କେତ ଦେଇଥିଲେ ।ତେବେ ଏହାର ଅର୍ଥ ବ୍ୟବସାୟୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ କୋର୍ଟ ଏବେଠାରୁ ଚୂଡ଼ାନ୍ତ ଆଦେଶ ଦେଇଛନ୍ତି, ତାହା ନୁହେଁ। କ୍ଷତି ହୋଇଥିଲେ ତାହାର ପ୍ରକୃତି ଓ ପରିସ୍ଥିତିକୁ ଆଧାର କରି ପରବର୍ତ୍ତୀ ସମୟରେ ବିଚାର କରାଯାଇପାରେ। ସୁପ୍ରିମକୋର୍ଟ କହିଛନ୍ତି ଯେ ପାର୍କ ପୁନର୍ବାର ଖୋଲିବା ପରେ ବ୍ୟବସାୟ କିମ୍ବା ଜୀବିକାରେ ହୋଇଥିବା କ୍ଷତିର ପ୍ରସଙ୍ଗ ଉଠାଯାଇପାରିବ। ଏହି ମାମଲାକୁ ଅକ୍ଟୋବର ୨୬ କିମ୍ବା ୨୭ ତାରିଖରେ ପୁଣି ଶୁଣାଣି ପାଇଁ ତାଲିକାଭୁକ୍ତ କରିବାର କଥା କୁହାଯାଇଛି।

# ତଲାକ୍-ଇ-ହସନ୍ ଉପରେ ସୁପ୍ରିମକୋର୍ଟଙ୍କ ନୋଟିସ୍, କେନ୍ଦ୍ରକୁ ମାଗିଲେ ଜବାବ

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):** ମୁସଲିମ୍ ପର୍ସନାଲ୍ ଲ' ଅଧୀନରେ ପ୍ରଚଳିତ 'ତଲାକ୍-ଇ-ହସନ୍' ଏବଂ ସମସ୍ତ ପ୍ରକାର ଏକପାଖିଆ ବିବାହ ବିଚ୍ଛେଦ ପ୍ରକ୍ରିୟା ପାଇଁ ସମାନ ଆଇନଗତ ସୁରକ୍ଷା ଓ ନିୟମାବଳୀ ଲାଗୁ କରିବାକୁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଶୁକ୍ରବାର ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଟିକୁ ପୂର୍ବରୁ ବିଚାରାଧୀନ ଥିବା ଏକ ସମାନ ଆବେଦନ ସହ ସାମିଲ୍ କରିଛନ୍ତି ।ନୂତନ ଭାବେ ଦାଖଲ ହୋଇଥିବା ଏହି ଆବେଦନରେ 'ତଲାକ୍-ଇ-ହସନ୍' କୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିବାକୁ ନିବେଦନ କରାଯାଇଛି। 'ତଲାକ୍-ଇ-ହସନ୍' ବ୍ୟବସ୍ଥାରେ ଜଣେ ମୁସଲିମ୍ ପୁରୁଷ ଲଗାତାର ତିନି ମାସ ଧରି ପ୍ରତି ମାସରେ ଥରେ ଲେଖାଏଁ 'ତଲାକ୍' ଶବ୍ଦ ଉଚ୍ଚାରଣ କରି ବିବାହ ବିଚ୍ଛେଦ କରିପାରନ୍ତି। ଯଦି ଏହି ତିନି ମାସ ମଧ୍ୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପୁନଃ ସମ୍ପର୍କ ସ୍ଥାପନ ନହୁଏ, ତେବେ ତୃତୀୟ ମାସରେ ବିବାହ ବିଚ୍ଛେଦ ଆଇନଗତ ରୂପ ନିଏ ।ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏଭଳି ସ୍ୱେଚ୍ଛାଚାରୀ ଛାଡ଼ପତ୍ର ପ୍ରଥା ଯୋଗୁଁ ଆକସ୍ମିକ ଭାବେ ବିଚ୍ଛେଦର ଶିକାର ହେଉଥିବା ମହିଳା ଓ ସେମାନଙ୍କ ସନ୍ତାନମାନଙ୍କ ପାଇଁ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଜରୁରୀ। ଏହାସହିତ ମୁସଲିମ୍ ପର୍ସନାଲ୍ ଲ' ଅପ୍ଲିକେସନ୍ ଆକ୍ଟ, ୧୯୩୭ ର ଧାରା ୨ କୁ ଅସାମ୍ବିଧାନିକ ଘୋଷଣା କରିବା ସହ ସମସ୍ତ ଧର୍ମର ମହିଳାମାନଙ୍କ ପାଇଁ ସମ୍ବିଧାନର ଧାରା ୧୪ (ସମାନତା), ଧାରା ୧୫ (ଭେଦଭାବମୁକ୍ତ) ଏବଂ ଧାରା ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା) ଅନୁଯାୟୀ ଲିଙ୍ଗଗତ ସମାନତା ଓ ସମ୍ମାନଜନକ ଜୀବନଯାପନ ପାଇଁ ସମାନ ଆଇନଗତ ମାର୍ଗଦର୍ଶିକା ସ୍ଥିର କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

# ରୁଷ୍ କାମଚାଟକା ଉପଦ୍ୱୀପରେ ୭ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):** ରୁଷ୍ କାମଚାଟ୍‌କା ଉପଦ୍ୱୀପ ଅଞ୍ଚଳରେ ଶୁକ୍ରବାର ୭ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ୟୁରୋପୀୟ-ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଇଏମ୍‌ଏସ୍‌ସି) ଭୂକମ୍ପ ସମ୍ବନ୍ଧୀୟ ତଥ୍ୟ ଆଧାରରେ ଏହାକୁ ନିଶ୍ଚିତ କରିଛି। ଭାରତୀୟ ସମୟ ଅନୁସାରେ ସକାଳ ପ୍ରାୟ ୯ଟା ୫ ମିନିଟ୍‌ରେ ଏହି ଭୂକମ୍ପ ଘଟିଥିବା ଜଣାପଡିଛି ।ପ୍ରାଥମିକ ତଥ୍ୟ ଅନୁଯାୟୀ, ଭୂପୃଷ୍ଠରୁ ପ୍ରାୟ ୧୪୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ର ରହିଥିଲା। ରୁଷ୍‌ର ଭିଲ୍ୟୁଚିନ୍‌ସ୍କ ସହରଠାରୁ ପ୍ରାୟ ୧୨୩ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ଆକଳନ କରାଯାଇଛି। ଭୂକମ୍ପ ପରେ ତୁରନ୍ତ ମୃତାହତ କିମ୍ବା ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।ରୁଷ୍‌ର ପ୍ରଶାନ୍ତ ମହାସାଗର ଉପକୂଳରେ ଅବସ୍ଥିତ କାମଚାଟକା ଉପଦ୍ୱୀପ ଭୂକମ୍ପ ଦୃଷ୍ଟିରୁ ସକ୍ରିୟ ପ୍ରଶାନ୍ତ ମହାସାଗର ବଳୟର ଏକ ଅଂଶ, ଯେଉଁଠାରେ ଟେକ୍ଟୋନିକ୍ ପ୍ଲେଟ୍ ଗତି ପ୍ରାୟତଃ ଭୂମିକମ୍ପ ଓ ଜ୍ୱାଳାମୁଖୀ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରେ।

# 'ଦିମାଗୀ ନକ୍ସଲ' ଓ ଦେଶଭକ୍ତ ଭାରତୀୟଙ୍କ ମଧ୍ୟରେ ଲଢେଇ: ରିଜିଜୁ

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):** 'ଦିମାଗୀ ନକ୍ସଲ' ଓ ଦେଶଭକ୍ତ ଭାରତୀୟଙ୍କ ମଧ୍ୟରେ ଲଢେଇ ଆରମ୍ଭ ହୋଇଛି। ଭାରତୀୟ ସମ୍ବିଧାନରେ ବିଶ୍ୱାସ କରୁଥିବା ଲୋକଙ୍କ ଓ ଅରାଜକତାବାଦୀଙ୍କ ମଧ୍ୟରେ ଏବେ ଲ??ଇର ସୀମାରେଖା ଟଣା ହୋଇସାରିଛି ବୋଲି ଶୁକ୍ରବାର କହିଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ ଦେଶବାସୀଙ୍କୁ ଦେଶବିଦ୍ରୋହୀଙ୍କୁ ମନେ ରଖିବାକୁ ଆହ୍ୱାନ ଦେଇଛନ୍ତି । ସୁପ୍ରିମ୍‌କୋର୍ଟର ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏକ ସାମ୍ବାଦିକ ସମ୍ମିଳନୀରେ 'ଶାସନ ପରିବର୍ତ୍ତନ' ସମ୍ପର୍କରେ ମନ୍ତବ୍ୟ ଦେବାର ଦିନକ ପରେ ରିଜିଜୁ ଏହି ପ୍ରତିକ୍ରିୟା ରଖିଛନ୍ତି ।ସୋସିଆଲ୍ ମିଡିଆ ମଞ୍ଚ ଏକ୍ସରେ ରିଜିଜୁ ଲେଖିଛନ୍ତି,



ଲଢେଇର ସୀମାରେଖା ଟଣା ହୋଇସାରିଛି। ଗୋଟିଏ ପଟେ ଦିମାଗୀ ନକ୍ସଲ, ଅନ୍ୟପଟେ ଦେଶଭକ୍ତ ଭାରତୀୟ। ଗୋଟିଏ ପଟେ ଭାରତୀୟ ସମ୍ବିଧାନରେ ବିଶ୍ୱାସ କରୁଥିବା ଲୋକ, ଅନ୍ୟପଟେ ଅରାଜକତାବାଦୀ ଅଛନ୍ତି ବୋଲି ସେ କହିଛନ୍ତି। ଅନ୍ୟ ଏକ ପୋଷ୍ଟରେ ସେ ଦେଶଭକ୍ତ ଭାରତୀୟଙ୍କୁ ଶତ୍ରୁଙ୍କୁ ଥରେ, ବନ୍ଧୁଙ୍କୁ ଦୁଇଥର କ୍ଷମା କରିବାକୁ, କିନ୍ତୁ ଦେଶବିଦ୍ରୋହୀଙ୍କୁ କେବେ କ୍ଷମା ନ କରିବାକୁ କହିଛନ୍ତି। ଭୂଷଣଙ୍କ ମନ୍ତବ୍ୟକୁ ନେଇ ରିଜିଜୁ ଦୁଇଟି ଭିଡିଓ କ୍ଲିପ୍ ମଧ୍ୟ ଏକ୍ସରେ ପୋଷ୍ଟ କରିଛନ୍ତି। ଏଥିସହ କାଶ୍ମୀର ଓ ଉତ୍ତର-ପୂର୍ବାଞ୍ଚଳକୁ ଭାରତଠାରୁ ଅଲଗା କରି ଦେଶକୁ ଭାଙ୍ଗିବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି। ଭୂଷଣଙ୍କ ସହ ଜଣେ କଂଗ୍ରେସ ନେତା ଓ ଅନ୍ୟମାନେ ଥିବା ଏକ ସାମ୍ପ୍ରତିକ ଫଟୋ ମଧ୍ୟ ବିଜେପିର ଏହି ବରିଷ୍ଠ ନେତା ପୋଷ୍ଟ କରିଛନ୍ତି।

# ମୁଁ ପ୍ରତିଯୋଗୀତାକୁ ଭୟ କରେନି

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):**ଷ୍ଟାରଲିଙ୍କ ବିବାଦକୁ ନେଇ ରିଲାୟାନ୍ସ ଇଣ୍ଡଷ୍ଟ୍ରିଜ୍ ଏଲନ୍ ମସ୍କଙ୍କୁ ଜବାବ ଦେଇଛି। ରିଲାୟନ୍ସ ଇଣ୍ଡଷ୍ଟ୍ରିଜ୍ ସ୍ପଷ୍ଟ କରି କହିଛି ଯେ, କମ୍ପାନୀ କେବେ ବି ପ୍ରତିଯୋଗିତାକୁ ଭୟ କରେନି, ବରଂ ଏହାକୁ ସ୍ୱାଗତ କରେ। ରିଲାୟନ୍ସ ଇଣ୍ଡଷ୍ଟ୍ରିଜ୍ ଆଜି ଅର୍ଥାତ୍ ଶୁକ୍ରବାର ଜାରି କରିଥିବା ବିବୃତ୍ତିରେ କହିଛି ଯେ, ଭାରତର ସ୍ୟାଟେଲାଇଟ୍ କମ୍ୟୁନିକେସନ୍ ବଜାରରେ ଏଲନ୍ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ୍ ସହ ସମସ୍ତ କମ୍ପାନୀଙ୍କ ସହ ପ୍ରତିସ୍ପର୍ଦ୍ଧାକୁ ସେମାନେ ସ୍ୱାଗତ କରନ୍ତି। ତେବେ, ସମସ୍ତ ଅପରେଟରଙ୍କୁ ଦେଶର ଆଇନ ଓ ନିୟାମକୀୟ ନିୟମ ମାନିବାକୁ ପଡ଼ିବ ବୋଲି କମ୍ପାନୀ ଜୋର ଦେଇଛି ।ଭାରତୀୟ ବଜାରକୁ ନେଇ ଏଲନ୍ ମସ୍କଙ୍କ ସମ୍ପ୍ରତିକ ମତାମତ ପରେ ରିଲାୟାନ୍ସ ଏହି ବିବୃତ୍ତି ଜାରି କରିଛି। ଏଥିରେ କମ୍ପାନୀ କହିଛି ଯେ, ଦେଶର ଆଇନର ସୀମା ମଧ୍ୟରେ କାର୍ଯ୍ୟ କଲେ ଘରୋଇ ଓ ବିଦେଶୀ କମ୍ପାନୀଙ୍କ ନିବେଶ ଏବଂ ନବୋନ୍ମେଷକୁ ରିଲାୟାନ୍ସ ସମର୍ଥନ କରେ। ରିଲାୟନ୍ସ କହିଛି, "ଆମେ ସ୍ୟାଟେଲାଇଟ୍ କମ୍ୟୁନିକେସନ୍ କ୍ଷେତ୍ରରେ ପ୍ରତିଯୋଗିତାକୁ ସ୍ୱାଗତ କରୁଛୁ, ଯାହାରେ ଷ୍ଟାରଲିଙ୍କ୍ ମଧ୍ୟ ଅନ୍ତର୍ଭୁକ୍ତ। ଜିଓ ସହ ପ୍ରତ୍ୟେକ କମ୍ପାନୀକୁ ଭାରତର ଲୋକଙ୍କ ସେବା କରିବା



ସହ ଦେଶର ଆଇନ ଏବଂ ନୀତିକୁ ପାଳନ କରିବା ଉଚିତ ।"କମ୍ପାନୀ ଆହୁରି କହିଛି ଯେ, ଜିଓର ସ୍ୟାଟେଲାଇଟ୍ କମ୍ୟୁନିକେସନ୍ ସେବା ଏପର୍ଯ୍ୟନ୍ତ ନିୟାମକୀୟ ଅନୁମୋଦନ ପାଇବାକୁ ଅପେକ୍ଷା କରୁଛି। ଭାରତୀୟ ଓ ବିଦେଶୀ—ଦୁଇପକ୍ଷ ଆବେଦକଙ୍କ ପାଇଁ ଅନୁମୋଦନ ପ୍ରକ୍ରିୟା ସମାନ ହେବା ଉଚିତ ବୋଲି ରିଲାୟାନ୍ସ ଜୋର ଦେଇଛି ।ବିବୃତ୍ତିରେ କହାଯାଇଛି, "ଭାରତ ସରକାର ଯେପରି କହିଛନ୍ତି, ପ୍ରତ୍ୟେକ ଆବେଦକଙ୍କ ପାଇଁ ସମାନ ପ୍ରକ୍ରିୟା ଅନୁସରଣ କରାଯାଏ, ସେ ଭାରତୀୟ ହେଉନ୍ କି ବିଦେଶୀ। ଜିଓର ନିଜ ସ୍ୟାଟେଲାଇଟ୍ ସେବା ମଧ୍ୟ ଏବେ ଅନୁମୋଦନର ଅପେକ୍ଷାରେ ରହିଛି।" ରିଲାୟାନ୍ସ କହିଛି ଯେ, ଗ୍ରାହକଙ୍କୁ ଭଲ ସେବା ଦେବାରେ ପ୍ରତିଯୋଗିତା ଏକ ଆବଶ୍ୟକ ଅଂଶ। ୨୦୧୬ ମସିହାରେ ଟେଲିକମ୍ କ୍ଷେତ୍ରରେ ଜିଓର ପ୍ରବେଶକୁ କମ୍ପାନୀ ଏହାର ଉଦାହରଣ ଭାବେ ଦେଖାଇଛି। କମ୍ପାନୀ କହିଛି, "ରିଲାୟାନ୍ସ କେବେ ବି ପ୍ରତିଯୋଗିତାକୁ ଭୟ କରିବା ଶିଖିନାହିଁ। ଆମେ ଏହାକୁ ଏହି କଥାର ସବୁଠାରୁ ସତ୍ୟ କସୋଟି ଭାବେ ଦେଖୁଛୁ ଯେ, ଗ୍ରାହକଙ୍କୁ ସବୁଠାରୁ ଭଲ ସେବା କିଏ ଦେଇପାରୁଛି।"

# ତ୍ରିରଙ୍ଗା ଉଡ଼ାଇବା ଯଦି ଅପରାଧ, ମୋତେ ଫାଶୀ ଦେଇଦିଅ

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):** ତ୍ରିରଙ୍ଗା ଯାତ୍ରାକୁ ନେଇ ଦିଲ୍ଲୀରେ ବଢ଼ିଲା ବିବାଦ। କନୋଟ୍ ପ୍ଲେସ୍‌ରେ ହେବାକୁ ଥିବା 'ତ୍ରିରଙ୍ଗା ଯାତ୍ରା'କୁ ବାତିଲ୍ କରିବା ପାଇଁ କୋକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ ଦୀପକେଙ୍କ ବାସଭବନରେ ପହଞ୍ଚି ନୋଟିସ୍ ଜାରି କରିଛି ଦିଲ୍ଲୀ ପୁଲିସ। ଏହାକୁ ନେଇ ଦୀପକେ ଓ ପୁଲିସ ଅଧିକାରୀଙ୍କ ମଧ୍ୟରେ ତୀବ୍ର ବାକ୍ ବିତଣ୍ଡା ହୋଇଥିବା ଜଣାପଡ଼ିଛି ।ଶୁକ୍ରବାର କନୋଟ୍ ପ୍ଲେସ୍‌ର ସେଣ୍ଟ୍ରାଲ୍ ପାର୍କରେ ଜାତୀୟ ପତାକା ଉଡ଼ାଇବାକୁ ଦୀପକେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ତେବେ ନିରାପତ୍ତା ଓ ପ୍ରତିବନ୍ଧକ ଆଦେଶକୁ ଦର୍ଶାଇ ପୁଲିସ ଏହି କାର୍ଯ୍ୟକ୍ରମକୁ ରୋକିବାକୁ ଉଦ୍ୟମ କରିଛି। ସାମ୍ନାକୁ ଆସିଥିବା ଏକ ଭିଡିଓରେ ୩୧ ବର୍ଷୀୟ ଅଭିଜିତ ଦୀପକେ କାନ୍ଧରେ ତ୍ରିରଙ୍ଗା ପକାଇ ପୁଲିସର ନୋଟିସ୍ ପଢୁଥିବା ଦେଖିବାକୁ ମିଳିଛି । ସୋସିଆଲ୍ ମିଡିଆରେ ଲୋକଙ୍କୁ ଉସ୍କାଇବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ହିଂସା ପାଇଁ ଉସ୍କାଇଥିବାର କୌଣସି ଭିଡିଓ ଥିଲେ ଦେଖାଇବାକୁ



ସେ ପୁଲିସକୁ ଆହ୍ୱାନ ଦେଇଛନ୍ତି। ଦୀପକେ କହିଛନ୍ତି, ଯଦି ଜାତୀୟ ପତାକା ଉଡ଼ାଇବା ଅପରାଧ, ତେବେ ତାଙ୍କୁ ଫାଶୀ ଦିଆଯାଉ। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସେ ସୋସିଆଲ୍ ମିଡିଆ ଓ ଗଣମାଧ୍ୟମ ସମ୍ମୁଖରେ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ପକ୍ଷରୁ ଏହି ପ୍ରଦର୍ଶନ ଡକାଯାଇଥିବା କୁହାଯାଇଛି। ତେବେ ଯାତ୍ରାକୁ ନେଇ ପୁଲିସର ପଦକ୍ଷେପ ଓ ଦୀପକେଙ୍କ ପ୍ରତିକ୍ରିୟା ଏବେ ବିବାଦକୁ ଆହୁରି ତୀବ୍ର କରିଛି।

# ରୁଷକୁ ଜେଲେନସ୍କିଙ୍କ କଡ଼ା ଚେତାବନୀ

**ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):**ରୁଷ-ୟୁକ୍ରେନ୍ ଯୁଦ୍ଧରେ ପୁଣି ତେଜିଲା ଉତ୍ତ ?ଜନା । ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବା ବେଳେ, ଏବେ ରୁଷର ତୈଳ ଭିତ୍ତିଭୂମିକୁ ଟାର୍ଗେଟ୍ କରିବାକୁ ସଙ୍କେତ ଦେଇଛନ୍ତି ୟୁକେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି । ତାଙ୍କର କଡ଼ା ଆଭିମୁଖ୍ୟ, ଆମେ ଆଉ ସହିବୁ ନାହିଁ। ରୁଷ ଯଦି ୟୁକ୍ରେନର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଜାରି ରଖିବ, ତେବେ ୟୁକ୍ରେନ ମଧ୍ୟ ରୁଷର ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିବ ବୋଲି ସଙ୍କେତ ମିଳିଛି ।ଖବର ଅନୁସାରେ, ରୁଷର ରାଜାନ୍ ଅଞ୍ଚଳରେ ଥିବା ଏକ ବଡ଼ ତୈଳ ବିଶୋଧନାଗାର ଉପରେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ହୋଇଛି । ଏହି ବିଶୋଧନାଗାର ରୁଷର ସରକାରୀ ତୈଳ କମ୍ପାନୀ ରୋସନେଫ୍ଟ ଦ୍ୱାରା ପରିଚାଳିତ। ରୁଷର ତୈଳ ବିଶୋଧନ କ୍ଷମତାରେ ଏହାର ଏକ ବଡ଼ ଭାଗ ରହିଥିବା ବେଳେ, ମସ୍କକୁ ଇନ୍ଧନ ଯୋଗାଣରେ ମଧ୍ୟ ଏହାର ଗୁରୁତ୍ୱ ରହିଛି । ତେଣୁ ଏହି ଆକ୍ରମଣ ରୁଷର ଶକ୍ତି କ୍ଷେତ୍ର ଉପରେ ଚାପ ସୃଷ୍ଟି କରିପାରେ ।ଜେଲେନସ୍କିଙ୍କ ଅଭିଯୋଗ ହେଉଛି, ଯୁଦ୍ଧବିରତି ପାଇଁ ଆହ୍ୱାନ ଦିଆଯାଇଥିଲେ ମଧ୍ୟ ରୁଷ ୟୁକ୍ରେନର ବିଦ୍ୟୁତ୍ କେନ୍ଦ୍ର ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରି ଆକ୍ରମଣ ଜାରି ରଖିଛି । ଫଳରେ ଲକ୍ଷ ଲକ୍ଷ ଲୋକଙ୍କୁ ବିଦ୍ୟୁତ୍ ସଙ୍କଟର ସାମ୍ନା କରିବାକୁ ପଡୁଛି । ଏଭଳି ସ୍ଥିତିରେ ୟକ୍ରେନ୍ ଆଉ ସଂଯମତା ଅବଲମ୍ବନ କରିବ ନାହିଁ ବୋଲି ଜେଲେନସ୍କିଙ୍କ ଆଭିମୁଖ୍ୟରୁ ସ୍ପଷ୍ଟ ହେଉଛି ।ଅନ୍ୟପଟେ ଏହି ଯୁଦ୍ଧର ପ୍ରଭାବ ଏବେ ବିଶ୍ୱ ତୈଳ ବଜାର ଉପରେ ମଧ୍ୟ ପଡ଼ିବା ଆଶଙ୍କା ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୈଳ ଦର ହ୍ରାସ କରିବା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ଏଭଳି ଆକ୍ରମଣ ତେଲ ଯୋଗାଣ ଓ ଦରକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି । ରୁଷ ପକ୍ଷରୁ ମଧ୍ୟ ୟୁକେଅନର ଆକ୍ରମଣକୁ ଶାନ୍ତି ପ୍ରୟାସ ପାଇଁ ବାଧା ବୋଲି କୁହାଯାଇଛି ।ଏହାରି ଭିତରେ ୟୁକ୍ରେନ୍ ସେନାର ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ବ୍ୟବହାରକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି । ଯୋଗାଯୋଗ ବ୍ୟବସ୍ଥାରେ କଟକଣା ଡ୍ରୋନ୍ ପରିଚାଳନାକୁ ପ୍ରଭାବିତ କରୁଥିବା ନେଇ ୟୁକ୍ରେନ୍ ପକ୍ଷରୁ ଚିନ୍ତା ପ୍ରକାଶ ପାଇଛି ।



## ପ୍ଲାଟିନମ୍ ଗିଲ୍ଡ ଇଂଟରନ୍ୟାସନାଲ ଇଣ୍ଡିଆ ଏକ ନୂତନ ମେନ୍ ଅଫ୍ ପ୍ଲାଟିନମ୍ ସଂଗ୍ରହ ଉନ୍ମୋଚନ କରିଛି



**ଭୁବନେଶ୍ୱର, ୧୬।୧୦ (ନି.ପ୍ର) :** ପ୍ଲାଟିନମ୍ ଗିଲ୍ଡ ଇଂଟରନ୍ୟାସନାଲ (ପିଜିଆଇ) ଇଣ୍ଡିଆ ଏକ ନୂତନ ମେନ୍ ଅଫ୍ ପ୍ଲାଟିନମ୍ ସଂଗ୍ରହ ଉନ୍ମୋଚନ କରିଛି ଯେଉଁଥିରେ ଚେନ୍, ପେଣ୍ଡାଟ, ବ୍ରେସଲେଟ୍ ଏବଂ ରିଙ୍ଗ ରହିଛି । ବ୍ରାଣ୍ଡର ନୂତନ ଅଭିଯାନରେ ରୋହିତ ଶର୍ମା ଏବଂ ଅନିରୁଦ୍ଧ ରବିଚନ୍ଦରଙ୍କ ଦ୍ୱାରା ଅନୁମୋଦିତ ଏହି ସଂଗ୍ରହ ଏକ କେନ୍ଦ୍ରୀୟ ବିଶ୍ୱାସକୁ ଜୀବନ୍ତ କରିଥାଏ: ସ୍ଥାୟୀ ସଫଳତା ଚରିତ୍ର ମାଧ୍ୟମରେ ଗଢ଼ି ଉଠିଥାଏ - ନିଜର ପଥ ତିଆରି କରିବାର ବିଶ୍ୱାସ, ଆଗକୁ ବଢିବା ପାଇଁ ସ୍ଥିରତା ଏବଂ ସଫଳତାକୁ ସ୍ଥାୟୀ ଅର୍ଥ ପ୍ରଦାନ କରୁଥିବା ମୂଲ୍ୟବୋଧ । ଏହି ସଂଗ୍ରହ ମେନ୍ ଅଫ୍ ପ୍ଲାଟିନମ୍‌ର ଦୁନିଆକୁ ବିସ୍ତାର କରେ, ଅଧିକ ବାରମ୍ବାର ପୋଷାକ ପାଇଁ ସୃଷ୍ଟି ହୋଇଥିବା ହାଲୁକା, ସମସାମୟିକ ଡିଜାଇନ୍ ସହିତ ବୋଲ୍ଡ, ଷ୍ଟେଟମେଂଟ ପ୍ଲାଟିନମ୍ ଅଳଙ୍କାରକୁ ଏକତ୍ର କରେ । ମୂର୍ତ୍ତି ଫର୍ମ, ଜ୍ୟାମିତିକ ପୃଷ୍ଠ, ଇଂଟରଲକିଂ ଲିଙ୍କ୍ ଏବଂ ରଙ୍ଗ ଏବଂ ଫିନିସ୍‌ର ବିବେଚିତ ବିପରୀତତା ବ୍ୟକ୍ତିଗତ ଶୈଳୀର ଭିନ୍ନ ଅଭିବ୍ୟକ୍ତି ସୃଷ୍ଟି କରେ - ସଫଳତା ଏବଂ ଉଚ୍ଚତାକୁ ଚିହ୍ନିତ କରୁଥିବା ଖଣ୍ଡଠାରୁ ଆରମ୍ଭ କରି ଯାହା ପୁରୁଷର ପରିଚୟର ଏକ ଅଂଶ ହୋଇଯାଏ । ରୋହିତ ଶର୍ମାଙ୍କ ସଂଯମ ଏବଂ ନେତୃତ୍ୱ ଚରିତ୍ର ଏବଂ ମୂଲ୍ୟବୋଧ ସହିତ କଥା ହୁଏ ଯାହା ସଫଳତାକୁ ବଜାୟ ରଖେ । ଅନିରୁଦ୍ଧ ରବିଚାନ୍ଦରଙ୍କ ଆତ୍ମବିଶ୍ୱାସ ଏବଂ ବିକଶିତ ହେବାକୁ ଇଚ୍ଛା ଚରିତ୍ରକୁ କହିଥାଏ ଯାହା ସଫଳତା ଗଠନ କରେ । ସେମାନଙ୍କର ଭିନ୍ନ ଯାତ୍ରା ଅଳଙ୍କାରକୁ ପୁରୁଷଙ୍କ ପସନ୍ଦ ଏବଂ ମୂଲ୍ୟବୋଧ ସହିତ ସଂଯୋଗ କରିବାର ଏକ ଉପାୟ ପ୍ରଦାନ କରେ ଯେଉଁମାନେ ଏହାକୁ ପିନ୍ଧନ୍ତି । ପ୍ଲାଟିନମ୍ ଗିଲ୍ଡ ଇଂଟରନ୍ୟାସନାଲର ଗ୍ଲୋବାଲ୍ ମାର୍କେଟ ଡେଭଲପମେଂଟର ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ - ଇଣ୍ଡିଆ ଆଣ୍ଡ ଏମ୍ ଇ ବୈଶାଳୀ ବାନାର୍ଜୀ କହିଛନ୍ତି: 'ପୁରୁଷମାନେ ସେମାନଙ୍କ ଜୀବନର ଅଧିକ ଉପାୟରେ ଏବଂ ଅଧିକ ମୁହୂର୍ତ୍ତରେ ଅଳଙ୍କାର ପିନ୍ଧୁଛନ୍ତି । ଏହି ସଂଗ୍ରହ ସହିତ, ଆମେ ମେନ୍ ଅଫ୍ ପ୍ଲାଟିନମ୍ କୁ ପ୍ରତିଷ୍ଠିତ ସଫଳତାକାରୀଙ୍କ ପାଇଁ ଷ୍ଟେଟମେଂଟ ପିସ୍ ଠାରୁ ଆରମ୍ଭ କରି ଯୁବକମାନଙ୍କ ପାଇଁ ଡିଜାଇନ୍-ଫରୱାର୍ଡ ବିକଳ୍ପ ପର୍ଯ୍ୟ' ବିସ୍ତାର କରୁଛୁ । ଏହା ପୁରୁଷ ଅଳଙ୍କାର ବର୍ଗରେ ପ୍ଲାଟିନମ୍ ର ସ୍ଥାନର ଏକ ବ୍ୟାପକ ଅଭିବ୍ୟକ୍ତି । ଏହି ଡିଜାଇନ୍ ମେନ୍ ଅଫ୍ ପ୍ଲାଟିନମ୍ ର ମୂଲ୍ୟବୋଧକୁ ଏକ ବାସ୍ତବ ଉପାୟରେ ଜୀବନ୍ତ କରିଥାଏ । ଅଧିକନ୍ତୁ, ରୋହିତ ଶର୍ମା ଏବଂ ଅନିରୁଦ୍ଧ ରବିଚନ୍ଦର - ଯେଉଁମାନେ ଆଜି ଭାରତୀୟ ପୁରୁଷମାନଙ୍କର ଏକ ବିଶାଳ ବର୍ଗ ପାଇଁ ଆଇକନ୍ ଅଟନ୍ତି, ସେମାନେ ଖଣ୍ଡ ପିନ୍ଧନ୍ତି ଯାହା ସେମାନଙ୍କର ବିଭିନ୍ନ ଶୈଳୀ ଏବଂ ଯାତ୍ରା ବିଷୟରେ କହିଥାଏ, ଯେତେବେଳେ କି ସଂଗ୍ରହ ପ୍ଲାଟିନମ୍ ର ସହ୍ୟ କରିବାର କ୍ଷମତାକୁ ସଂଯୋଗ କରେ । ଏହାର ସ୍ଥାୟୀ ଶକ୍ତି ସ୍ଥାୟୀ ସଫଳତା ପଛରେ ଥିବା ଚରିତ୍ରକୁ କହିଥାଏ ।'

## ହକି ଇଣ୍ଡିଆ ନିର୍ବାଚନ ବିରୋଧରେ ତିର୍କୀଙ୍କ ଆବେଦନ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ହକି ଓଡ଼ିଶାର ସ୍ୱାଗତ

**ଭୁବନେଶ୍ୱର, ୧୬।୧୦ (ନି.ପ୍ର) :** ହକି ଇଣ୍ଡିଆର ନିର୍ବାଚନ ପ୍ରକ୍ରିୟାର ବୈଧତାକୁ ଚ୍ୟାଲେଞ୍ଜ କରି ହକି ଇଣ୍ଡିଆ ସଭାପତି ଡକ୍ଟର ଦିଲୀପ କୁମାର ତିର୍କୀ ଦାୟର କରିଥିବା ଏକ ରିଟ୍ ପିଟିସନକୁ ଦିଲ୍ଲୀ ହାଇକୋର୍ଟ ଖାରଜ/ନିଷ୍ପତ୍ତି ନେଇ ଶେଷ କରିଥିବାରୁ ହକି ଓଡ଼ିଶା ଗୁରୁବାର ଏହାକୁ ସ୍ୱାଗତ କରିଛି । ଭାରତୀୟ ହକି ପ୍ରଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ନୈତିକ ବିଜୟ ବୋଲି ହକି ଓଡ଼ିଶା କହିଛି । 'ଡକ୍ଟର ଦିଲୀପ କୁମାର ତିର୍କୀ ବନାମ ଭାରତ ସରକାର ଓ ଅନ୍ୟମାନେ' (W.P. (C) ୧୫୦୮୭/୨୦୨୬) ମାମଲାର ଶୁଣାଣି ଜଷ୍ଟିସ ଅମିତ ମହାଜନ କରିଥିଲେ । ଅଦାଲତ ଏହି ପ୍ରସଙ୍ଗକୁ ହକି ଇଣ୍ଡିଆର ଉପ-ନିୟମ (ବାଏ-ଲ') ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ ନିବାରଣ ବ୍ୟବସ୍ଥାକୁ ପଠାଇଛନ୍ତି । ସର୍ବସମ୍ମତି କ୍ରମେ, ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଏ.କେ. ସିକ୍ରିଙ୍କୁ ଅଭିଯୋଗ ନିବାରଣ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ସେ ଏହି ଅଭିଯୋଗଗୁଡ଼ିକର ଯାଞ୍ଚ କରି ହକି ଇଣ୍ଡିଆର ନିୟମ ଅନୁସାରେ ମାମଲାର ସମାଧାନ କରିବେ । ଏହାପରେ ଉକ୍ତ ରିଟ୍ ପିଟିସନର ସମାପ୍ତି ଘଟିଥିଲା । ହକି ଓଡ଼ିଶା କହିଛି ଯେ, ଏହି ନିଷ୍ପତ୍ତି ଫଳରେ ସମସ୍ୟାଗୁଡ଼ିକୁ ଅନୁଷ୍ଠାନିକ ପ୍ରକ୍ରିୟା ଏବଂ ନିର୍ଦ୍ଧାରିତ ନିୟମ ଅନୁଯାୟୀ ସମାଧାନ କରିବା ଉପରେ ପୁଣି ଗୁରୁତ୍ୱ ପଡ଼ିଛି ।

ହକି ଆସୋସିଏସନ ଅଫ୍ ଓଡ଼ିଶାର ପ୍ରଶାସନ ଏବଂ ନିର୍ବାଚନ ବ୍ୟବସ୍ଥା ଉପରେ ଚାଲିଥିବା ଚିନ୍ତା ମଧ୍ୟରେ ଏହି ଅଦାଲତ କାର୍ଯ୍ୟାନୁଷ୍ଠାନ ଆସିଛି । ରାଜ୍ୟର ସମୃଦ୍ଧ ହକି ପରମ୍ପରା ଏବଂ ଖେଳାଳିମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ସ୍ୱଚ୍ଛ ତଥା ଗଣତାନ୍ତ୍ରିକ ପ୍ରଶାସନିକ ବ୍ୟବସ୍ଥା ଦାବି କରି ହକି ଓଡ଼ିଶା ବାରମ୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଛି ।

ଏହି ପ୍ରସଙ୍ଗକୁ ହକି ଇଣ୍ଡିଆ ମଧ୍ୟ ଗୁରୁତ୍ୱର ସହ ନେଇଛି । ଅକ୍ଟୋବର ୭ ତାରିଖରେ ହକି ଇଣ୍ଡିଆ ଏକ କାରଣ ଦର୍ଶାଅ ନୋଟିସ ଜାରି କରି ଐଇଙ୍ଗ କୁ ସ୍ଥାୟୀ ସଦସ୍ୟରୁ ସହଯୋଗୀ (ଇଷ୍ୱ-ଷ୍ୱକ୍ଟମସବଷ୍ୱର) ସଦସ୍ୟ ଭାବେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲା । ଏଥିରେ ନିୟମ ପାଳନ, ଜିଲ୍ଲା କମିଟି ଗଠନ ଏବଂ ଭୋଟର ତାଲିକା ପ୍ରସ୍ତୁତିରେ ତ୍ରୁଟି ଥିବା ଦର୍ଶାଯାଇଥିଲା ।

ନୋଟିସରେ ଉଲ୍ଲେଖ କରାଯାଇଥିଲା ଯେ, ସମସ୍ତ ୩୦ଟି ଜିଲ୍ଲା କମିଟିରେ ନିର୍ବାଚନ ହୋଇଥିବାର କୌଣସି ଲିଖିତ ପ୍ରମାଣ ନାହିଁ ଏବଂ ସେମାନଙ୍କ ପ୍ରତିନିଧିମାନେ କିପରି ଐଇଙ୍ଗ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଲେ, ସେ ନେଇ ପ୍ରଶ୍ନ ଉଠିଥିଲା । ଏହି ପ୍ରସ୍ତାବିତ ପଦକ୍ଷେପ ବର୍ତ୍ତମାନ ଐଇଙ୍ଗ ର ଉତ୍ତର ଏବଂ ହକି ଇଣ୍ଡିଆର ଯାଞ୍ଚ ଅଧୀନରେ ରହିଛି । ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ କହିଛନ୍ତି, "ଭାରତୀୟ ହକିରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନିୟମ ପାଳନ ପାଇଁ ଦାବି କରୁଥିବା ଲୋକଙ୍କ ପାଇଁ ଏହା ଏକ ନୈତିକ ବିଜୟ । ହାଇକୋର୍ଟ ଏହି ମାମଲାକୁ ହକି ଇଣ୍ଡିଆର ନିଜସ୍ୱ ଅଭିଯୋଗ ନିବାରଣ ବ୍ୟବସ୍ଥାକୁ ପଠାଇଛନ୍ତି । ଆମେ ଆଶା କରୁଛୁ ଯେ ଏହି ପ୍ରକ୍ରିୟା ମାଧ୍ୟମରେ ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ ହେବ ଏବଂ ଉତ୍ତମ ଶାସନ ବଜାୟ ରହିବ । ସେ ଆହୁରି ମଧ୍ୟ କହିଛନ୍ତି, "ଆମେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ହକି ପ୍ରଶାସନରେ ସ୍ୱଚ୍ଛ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ବାରମ୍ବାର ଦାବି କରିଆସିଛୁ । ହକି ଇଣ୍ଡିଆ ନିଜେ କାରଣ ଦର୍ଶାଅ ନୋଟିସ ଜାରି କରି ଐଇଙ୍ଗ ର ପରିଚାଳନା ଉପରେ ଗୁରୁତର ପ୍ରଶ୍ନ ଉଠାଇଥିବାରୁ, ପ୍ରତ୍ୟେକ ଅଭିଯୋଗର ଉଚିତ ସମାଧାନ ହେବା ଏବଂ ପ୍ରତ୍ୟେକ ନିଷ୍ପତ୍ତି ନିୟମ ଅନୁଯାୟୀ ହେବା ନିତାନ୍ତ ଜରୁରୀ । ହକି ଓଡ଼ିଶା ଆଶା ପ୍ରକାଶ କରିଛି ଯେ ଏହି ଅଭିଯୋଗ ନିବାରଣ ପ୍ରକ୍ରିୟାରେ ସମସ୍ତ ପ୍ରସଙ୍ଗର ଉଚିତ ତଥା ନିରପେକ୍ଷ ଯାଞ୍ଚ ହେବ । ଏହାସହ, ରାଜ୍ୟରେ ହକି ପ୍ରଶାସନକୁ ନେଇ ରହିଥିବା ସମସ୍ୟାଗୁଡ଼ିକୁ ସହାନୁଭୂତିର ସହ ଦେଖିବାକୁ ଏବଂ ଆଭ୍ୟନ୍ତରୀଣ ବିବାଦ ଯେପରି ରାଜ୍ୟର ହକି ପରିବେଶ, ଖେଳାଳି ଏବଂ ଐତିହ୍ୟ ଉପରେ ପ୍ରଭାବ ନ ପକାଏ, ତାହା ନିଶ୍ଚିତ କରିବାକୁ ସଂସ୍ଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି ।

## ବିୟୋଣ୍ଡ ଦ ସ୍ପଟ୍‌ଲାଇଟ : ଇମା (ଇଇଏମଏ) ପୂର୍ବାଂଚଳ ଦ୍ୱାରା ଓଡ଼ିଶାର ପରଦା ପଛର ଇଭେଂଟ ନାୟକମାନଙ୍କୁ ସମ୍ମାନ ଏବଂ ଭବିଷ୍ୟତର ପ୍ରତିଭା ବିକାଶ

**ଭୁବନେଶ୍ୱର, ୧୬।୧୦ (ନି.ପ୍ର) :** ଇଭେଂଟ ଆଣ୍ଡ ଏଂଟରଟେନ୍‌ମେଂଟ ମ୍ୟାନେଜମେଂଟ ଆସୋସିଏସନର (ଇଇଏମଏ) ପୂର୍ବାଚଳ କମିଟି ପକ୍ଷରୁ ଭୁବନେଶ୍ୱରରେ 'ବିୟୋଣ୍ଡ ଦ ସ୍ପଟ୍‌ଲାଇଟ୍' ନାମକ ଏକ ସ୍ମରଣୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ପଦକ୍ଷେପ ମାଧ୍ୟମରେ ପରଦା ପଛରେ କାମ କରୁଥିବା ବୈଷୟିକ କର୍ମୀମାନଙ୍କୁ ସମ୍ମାନିତ କରାଯିବା ସହିତ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଏବଂ ଓଡ଼ିଶାର ଆଗାମୀ ପିଢ଼ିର ଇଭେଂଟ ବୃତ୍ତିଗତମାନଙ୍କ ପାଇଁ ଶିକ୍ଷାଗତ ସହାୟତା ଯାଇଆ ଯୋଗାଇ ଦିଆଯାଉଛି । ଓଡ଼ିଶା ସରକାର ଯେତେବେଳେ ରାଜ୍ୟକୁ କର୍ପୋରେଟ୍ ବୈଠକ, ସମ୍ମିଳନୀ, ପ୍ରଦର୍ଶନୀ ଏବଂ ବିବାହ ଉତ୍ସବ ପାଇଁ ଏକ ପ୍ରମୁଖ ସ୍ଥାନ ଭାବରେ ପରିଚିତ କରାଇବାକୁ ପ୍ରୟାସ କରୁଛନ୍ତି, ଠିକ୍ ସେହି ସମୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ବିକାଶକୁ ଆଗକୁ ବଢ଼ାଇବା ପାଇଁ ଆସୋସିଏସନ୍ର ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ଇଭେଂଟ ମ୍ୟାନେଜମେଂଟ ଆସୋସିଏସନ୍ ଅଫ୍ ଓଡ଼ିଶା ସହିତ ମିଶି ସ୍ଥାନୀୟ କର୍ମକର୍ତ୍ତାଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାକୁ ହାତ ମିଳାଇଛି ।

ପୂର୍ବାଂଚଳର ଉପସଭାପତି ସରୋଜ ମାଳିଆ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କହିଛନ୍ତି, 'ପ୍ରତ୍ୟେକ ସଫଳ ଇଭେଂଟ ପଛରେ ଆମର ଗ୍ରାଉଣ୍ଡ କ୍ରୁ, ଟେଂଟ, ଲାଇଟ୍ ଏବଂ କ୍ୟାମେରା ଟିମ୍ ହେଉଛନ୍ତି ପ୍ରକୃତ ନାୟକ ।' ସେ ଆହୁରି ମଧ୍ୟ କହିଛନ୍ତି, 'ସେମାନଙ୍କୁ କେବଳ ସାଧାରଣ ବିକ୍ରେତା ବା ଭେଣ୍ଡର କହିବା ବଦଳରେ, ଆମେ ଏବେ ସେମାନଙ୍କୁ ସହଯୋଗୀ ସଦସ୍ୟ ଭାବରେ ସ୍ୱୀକୃତି ଦେଉଛୁ ଏବଂ ସେମାନଙ୍କ ଜୀବନବ୍ୟାପୀ ପରିଶ୍ରମକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟ ବୀମା ତଥା ଆଗାମୀ ପିଢ଼ି ପାଇଁ ସମ୍ପୂର୍ଣ୍ଣ ପ୍ରାୟୋଜିତ ପ୍ରଫେସନାଲ୍ ଇଭେଂଟ ମ୍ୟାନେଜମେଂଟ ଡିଗ୍ରୀ ଛାତ୍ରବୃତ୍ତି ପ୍ରଦାନ କରୁଛୁ ।' ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଏହି ଅଂଚଳରେ ଆଧୁନିକ ଇଭେଂଟ ପ୍ରଡକ୍ସନ୍ ବା ପ୍ରସ୍ତୁତିର ମୂଳଦୁଆ ପକାଇଥିବା ବରିଷ୍ଠ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା । ଜେ.ବି.ଏସ୍. ଆର୍ଟ ଆଣ୍ଡ ଆର୍କିଟେକ୍ଟର




ସମରେନ୍ଦ୍ର ମହାନ୍ତି, ସୁପର ସାଉଣ୍ଡର ଲକ୍ଷ୍ମଣ ମିଶ୍ର, ଅଡିଓଭିଜୁଆଲ୍ ଏମ୍ପୋରିୟମର ମାନସ ରଂଜନ ସୁବୁଦ୍ଧି ଏବଂ କୁମାର ଲାଇଟ୍‌ର ନରେନ୍ଦ୍ର ସାହୁ - ଏହି ଚାରିଜଣ ପ୍ରତିଷ୍ଠିତ ଅଗ୍ରଦୂତଙ୍କୁ ପ୍ରତ୍ୟେକେ ଚାଳିଶ ବର୍ଷରୁ ଅଧିକ ସମୟ ଧରି ନିଷ୍ଠାପର ସେବା ଯୋଗାଇଥିବାରୁ ସାଧୁବାଦ ଜଣାଇ ଔପଚାରିକ ଭାବରେ ସମ୍ମାନିତ କରାଯାଇଥିଲା । ସମ୍ମାନଜନକ ପୁରସ୍କାର ବ୍ୟତୀତ, ଏହି କାର୍ଯ୍ୟକ୍ରମରେ ପରଦା ପଛରେ କାମ କରୁଥିବା ଏହି ଶ୍ରମିକମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟଗତ ସୁରକ୍ଷା ଏବଂ ଜୀବିକାକୁ ସୁରକ୍ଷା ଦେବା ପାଇଁ ବ୍ୟାପକ କଲ୍ୟାଣକାରୀ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି । ସ୍ଥାୟୀ ପ୍ରତିଭା ବିକାଶ ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତା ପ୍ରକାଶକରି, ଏହି ଆଂଚଳିକ ଶାଖା ପକ୍ଷରୁ ଅଭାବୀ ଏବଂ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରମୁଖ ଇଭେଂଟ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକ ସହିତ ଭାଗିଦାରୀ କରାଯାଇଛି । ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଭେଂଟ ମ୍ୟାନେଜମେଂଟର ମୟୁଖ ପ୍ରିୟଦର୍ଶୀ ଏବଂ ଗ୍ଲୋବାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଭେଂଟ ମ୍ୟାନେଜମେଂଟର ଚନ୍ଦନ ଦାସ ଦୁଇଜଣଙ୍କୁ ଅଭିଜ୍ଞତା ଭିତ୍ତିକ ପରିଚାଳନାରେ କ୍ୟାରିଅର୍ ଗଠନ କରିବା ପାଇଁ ସମ୍ପୂର୍ଣ୍ଣ ଶିକ୍ଷାଗତ ସ୍କଲର୍ସିପ ପାଇବେ । ଏହି ପଦକ୍ଷେପଟି ଏକ ପଚାଶ-ପଚାଶ ସହଯୋଗୀ ଭାଗିଦାରୀ ଭାବରେ ଗଠିତ ହୋଇଛି, ଯେଉଁଥିରେ ଟ୍ୟୁସନ୍ ଫି ର ଅଧା ଅଂଶ ଆସୋସିଏସନ୍ ଏବଂ ଅବଶିଷ୍ଟ ଅଧା ଅଂଶ ଅଂଶୀଦାର ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ବହନ କରାଯିବ । ଏହି ଅଭିଯାନଟି ଜାତୀୟ ଏବଂ ଆଂଚଳିକ ଶିଳ୍ପ ନେତାମାନଙ୍କ ଏକ ଦୃଢ଼ ଦଳ ଦ୍ୱାରା ପରିଚାଳିତ ହେଉଛି । ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଉପସଭାପତି ମହାବୀର ପ୍ରତାପ ଶର୍ମା, ସାଧାରଣ ସମ୍ପାଦକ ବିନୋଦ ଜନାର୍ଦ୍ଦନ ଏବଂ ପୂର୍ବାଂଚଳର ଯୁଗ୍ମ ସମ୍ପାଦକ ବିଶୁ ମୁଚାଲ ସାମିଲ ଅଛନ୍ତି । ସେମାନଙ୍କ ସହିତ ଇଭେଂଟ ମ୍ୟାନେଜମେଂଟ ଆସୋସିଏସନ୍ ଅଫ୍ ଓଡ଼ିଶାର ଆଞ୍ଚଳିକ ନେତୃତ୍ୱ ଯୋଗଦେଇଛନ୍ତି, ଯେଉଁଥିରେ ସଭାପତି ସତ୍ୟବ୍ରତ ସାନୁ ରଥ, ଉପସଭାପତି ଶିବ ପଟ୍ଟନାୟକ ଏବଂ ସମ୍ପାଦକ ସରୋଜ ମାଳିଆ ଅଛନ୍ତି । ସଂଗଠନର ବ୍ୟାପକ ଲକ୍ଷ୍ୟଗୁଡ଼ିକ ଉପରେ ଆଲୋକପାତ କରି ବିନୋଦ ଜନାର୍ଦ୍ଦନ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଗିଗ୍ କର୍ମୀ ମାନଙ୍କୁ ସୁରକ୍ଷା ଦେବା ଏବଂ ଦେଶ ଗଠନରେ ଅବଦାନ ରଖିବା ପାଇଁ ଏହି ଶିଳ୍ପକୁ ଆନୁଷ୍ଠାନିକ ମାନ୍ୟତା ଦେବା ଆବଶ୍ୟକ । ସେ ଆହୁରି ମଧ୍ୟ ମତ ଦେଇଛନ୍ତି ଯେ ଆଗାମୀ ସିଙ୍ଗଲ୍-ୱିଣ୍ଡୋ ଅନୁମତି ପାଇଲଟ୍‌ଗୁଡ଼ିକ ଅନୁମୋଦନ ପ୍ରକ୍ରିୟାକୁ ସହଜ କରିବାରେ ସାହାଯ୍ୟ କରିବ । ଏହି ଚିଂଧାରାକୁ ଆହୁରି ଆଗକୁ ବଢ଼ାଇ ମହାବୀର ପ୍ରତାପ ଶର୍ମା କହିଛନ୍ତି ଯେ ପ୍ରଭାବଶାଳୀ ଜାତୀୟ ନୀତି ପ୍ରଣୟନ କରିବା ପାଇଁ ଆଂଚଳିକ ଭିତିଭୂମି ସମସ୍ୟାଗୁଡ଼ିକ ଉପରେ ନିରନ୍ତର ମତାମତ ଦେବା ଜରୁରୀ ଅଟେ । ଭାରତକୁ ଉଚ୍ଚମାନର ବିବାହ ଏବଂ କର୍ପୋରେଟ୍ ଇଭେଂଟଗୁଡ଼ିକ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ହେଉଛି ଏହାର ଚୂଡ଼ାନ୍ତ ଲକ୍ଷ୍ୟ ।

## 'ଏସବିଆଇ କାର୍ଡ ଏବଂ ଇଟର୍ନାଲ୍ କୋ-ବ୍ରାଣ୍ଡେଡ୍ 'ଇଟର୍ନାଲ୍ ଏସ୍‌ବିଆଇ କାର୍ଡ'ର ଶୁଭାରମ୍ଭ

**ଭୁବନେଶ୍ୱର, ୧୬।୧୦ (ନି.ପ୍ର) :** ଏସ୍‌ବିଆଇ କାର୍ଡ ଏବଂ ଇଟର୍ନାଲ୍ ଲିମିଟେଡ୍ ପକ୍ଷରୁ 'ଇଟର୍ନାଲ୍ ଏସ୍‌ବିଆଇ କାର୍ଡ' ନାମକ ଏକ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରାଯାଇଛି । ଅକ୍ଟୋବର ୨୨, ୨୦୨୬ ରୁ ପର୍ଯ୍ୟାୟକ୍ରମେ ଏହାର ପ୍ରସାର ଆରମ୍ଭ ହେବା ପୂର୍ବରୁ, ଏହି କାର୍ଡ ଜରିଆରେ ଜୋମାଟୋ, ବ୍ଲିଙ୍କିଟ୍ ଏବଂ ଡିଷ୍ଟ୍ରିକ୍ଟ ଆପ୍ ମାଧ୍ୟମରେ ସବୁଠୁ ଆଗୁଆ ସୁବିଧା ପାଇପାରିବେ ।




ପ୍ରତିଦିନର ଅଧିକ ବ୍ୟବହାର ହେଉଥିବା କାରବାର ପାଇଁ ଏହି କାର୍ଡଟିକୁ ବିଶେଷ ଭାବେ ତିଆରି କରାଯାଇଛି । ଏଥିରେ ଜୋମାଟୋ, ବିଷ୍ଟ୍ରୋ, ଡିଷ୍ଟ୍ରିକ୍ଟ ଏବଂ ବ୍ଲିଙ୍କିଟ୍ ରେ ୧୦ ପ୍ରତିଶତ ତତ୍କାଳ ଛାଡ଼ (ପ୍ରତିମାସରେ ସର୍ବାଧିକ ୨,୦୦୦ ଟଙ୍କା ପର୍ଯ୍ୟନ୍ତ) ମିଳିବା ସହିତ ଡିଷ୍ଟ୍ରିକ୍ଟ ଆପ୍ ରେ ୧+୧ ସିନେମା ଟିକେଟ୍ ଅଫର୍ ମଧ୍ୟ ମିଳିବ । ଏସ୍‌ବିଆଇ କାର୍ଡର ଏମ୍.ଡି. ଏବଂ ସି.ଇ.ଓ. ସଲିଲା ପାଣ୍ଡେ କହିଛନ୍ତି, 'ଇଟର୍ନାଲ୍ ସହିତ ଏକ କୌଶଳଗତ ଭାଗିଦାରୀରେ ଇଟର୍ନାଲ୍ ଏସ୍‌ବିଆଇ କାର୍ଡର ଶୁଭାରମ୍ଭ ଏହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।' ଇଟର୍ନାଲ୍‌ର ସି.ଏଫ୍.ଓ. ଅକ୍ଷ' ଗୋୟଲ୍ ଯୋଡ଼ିଛନ୍ତି, 'ଆମ ଗ୍ରାହକମାନଙ୍କ ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇସାରିଥିବା ଏହି ବାରମ୍ବାର କରାଯାଉଥିବା କାରବାରଗୁଡ଼ିକ ଚାରିପାଖରେ ଅଧିକ ମୂଲ୍ୟ ସୃଷ୍ଟି କରିବାର ଏକ ବଡ଼ ସୁଯୋଗ ରହିଛି ।

## ଭୋଟର ତାଲିକା ସର୍ଭେ ପାଇଁ ବିଏଲ୍‌ଓ, ଅଙ୍ଗନବାଡ଼ି ଓ ଆଶା କର୍ମୀ ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ



**ଡେଲାଙ୍ଗ, ୧୬।୧୦ (ନି.ପ୍ର):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନେଇ ଡେଲାଙ୍ଗ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ ସମୀର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ପ୍ରତି ଘର ଯାଞ୍ଚ ପୂର୍ବକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ ।ଆସନ୍ତା ୨୭ ତାରିଖରୁ ଏହା ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ । ବିଏଲ୍‌ଓ ଙ୍କ ସହ ଜଣେ ଅଙ୍ଗନବାଡ଼ି କର୍ମୀ ଓ ଜଣେ ଆଶାକର୍ମୀଙ୍କୁ ନେଇ ପ୍ରତି ବୁଥ ପାଇଁ ଗୋଟିଏ ଟିମ୍ କରାଯାଇଥିବା ବେଳେ କିଭଳି ଏକ ନିର୍ଦ୍ଦିଷ୍ଟ ଦିଗରୁ ସର୍ଭେ ? ସହ ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ ଓ ବିଭିନ୍ନ ଫର୍ମ ର ବ୍ୟବହାର ସମ୍ପର୍କେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ନୃସିଂହ ଚରଣ ମିଶ୍ର, ପିଇଓ ସିଦ୍ଧାର୍ଥ ଗୋ ?ରବ ମିଶ୍ର, ବି ଏଲ୍ ଓ ସୁପରଭାଇଜର୍ ପବିତ୍ର ମୋହନ୍ ଜେନା, ସନାତନ ସ୍ୱାଇଁ, ଲୋକନାଥ ପ୍ରଧାନ, ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଉପଯୁକ୍ତ ମାର୍ଗରେ ପ୍ରଶିକ୍ଷଣ ପରିଚାଳନା କରିଥିଲେ । ଏଥିରେ ୧୩୨ ଜଣ ବି ଏଲ୍ ଓ, ଆଶା ଏବଂ ଅଙ୍ଗନବାଡ଼ି କର୍ମୀ ମାନେ ପ୍ରଶିକ୍ଷଣ ନେଇଥିଲେ ।

## କାର୍‌ର ବର୍ଦ୍ଧିତ ମୂଲ୍ୟ ଓ ଗ୍ରାହକଙ୍କ ଆକାଂକ୍ଷା ପାଇଁ ଗାଡ଼ି ଋଣର ଆକାର ବୃଦ୍ଧି ପାଉଛି: ଟ୍ରାନ୍ସୟୁନି ସିବିଲ ରିପୋର୍ଟ

**ଭୁବନେଶ୍ୱର, ୧୬।୧୦ (ନି.ପ୍ର) :** ଟ୍ରାନ୍ସୟୁନିଅନ୍ ସିବିଲ୍‌ର ସିଫ୍ଟିଂ ଗିୟର୍ସ ୨୦୨୬: କ୍ରେଡିଟ୍ ଡ୍ରାଇଭ୍‌ସ ଟୁଡେଜ୍ ମୋବିଲିଟି ରିପୋର୍ଟ ଅନୁଯାୟୀ ଯାନବାହାନ ମାଲିକାନା ଆକାଂକ୍ଷା, ବର୍ଦ୍ଧିତ ବୀମା ଓ ଫାଇନାନ୍ସ ପ୍ରବେଶ ତଥା ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ଋଣର ସହଜ ଉପଲବ୍ଧତା ଯୋଗୁଁ ଭାରତର ବ୍ୟକ୍ତିଗତ ଗମନାଗମନ ଫାଇନାନ୍ସିଂ ବଜାର ଏକ ନୂତନ ଅଭିବୃଦ୍ଧି ପର୍ଯ୍ୟାୟରେ ପ୍ରବେଶ କରୁଛି । ଏହି ରିପୋର୍ଟରେ ୨୦୧୯ର ପ୍ରଥମାର୍ଦ୍ଧ ଓ ୨୦୨୬ର ପ୍ରଥମାର୍ଦ୍ଧ ମଧ୍ୟରେ ବ୍ୟକ୍ତିଗତ ଯାନବାହାନ ଫାଇନାନ୍ସିଂ ହୋଇଥିବା ପରିବର୍ତ୍ତନର ଅଧ୍ୟୟନ କରାଯାଇଛି । ଅଧିକ ମୂଲ୍ୟର କାର୍ ପ୍ରତି ପସନ୍ଦ ଓ ବର୍ଦ୍ଧିତ ମୂଲ୍ୟ ଦ୍ୱାରା ପରିଚାଳିତ ହୋଇ ଯାତ୍ରୀବାହୀ ଗାଡ଼ି ଋଣ ପ୍ରିମିୟମାଇଜେସନ୍ ଆଡ଼କୁ ଏକ ସ୍ପଷ୍ଟ ପରିବର୍ତ୍ତନକୁ ଦର୍ଶାଉଛି । ଦୁଇଚକିଆ ଋଣ ଯାହା ପାରମ୍ପରିକ ଭାବରେ ଗ୍ରାହକଙ୍କ ପ୍ରଥମ ଋଣ ଉତ୍ପାଦ ଭାବରେ ବିବେଚନା କରାଯାଏ ତାହା ଏବେ ଏକ ମୁଖ୍ୟ ସ୍ରୋତର ଋଣ ଉତ୍ପାଦରେ ପରିଣତ ହୋଇଛି । ଦୁଇଚକିଆ ଗାଡ଼ି ଋଣ ଆଉ କେବଳ ଆନୁଷ୍ଠାନିକ ଋଣ ବ୍ୟବସ୍ଥାରେ ପ୍ରବେଶ କରିବାର ଏକ ମାଧ୍ୟମ ହୋଇ ରହିନାହିଁ । ୨୦୨୬ ର ପ୍ରଥମାର୍ଦ୍ଧରେ ପ୍ରଥମ ଥର ପାଇଁ ଋଣ ନେଉଥିବା ଲୋକମାନେ ମୋଟ ଦୁଇଚକିଆ ଋଣର ୩୯% ରହିଛି ଯାହା ୨୦୧୯ ତୁଳନାରେ ୧୯ ପ୍ରତିଶତ କମ୍ ଅଟେ । ଏହାସତ୍ତ୍ୱେ ୪୩% ଗ୍ରାହକଙ୍କ ଋଣ ଆରମ୍ଭ ହେବା ସମୟରେ ଦୁଇ ବର୍ଷରୁ ଅଧିକ ସମୟର ଋଣଇତିହାସ ରହିଥିଲା ଯାହା ୨୦୧୯ ତୁଳନାରେ ୧୬ ପ୍ରତିଶତ ଅଧିକ । ୨୦୨୬ ଜୁନ୍ ସୁଦ୍ଧା ଦୁଇଚକିଆ ଋଣର ବକେୟା ପରିମାଣ ୧.୭୬ ଲକ୍ଷ କୋଟି ଟଙ୍କାରେ ପହଂଚିଛି ଯାହା ୨୦୧୯ ଜୁନ୍ ସ୍ତରଠାରୁ ୩.୨ ଗୁଣ ଅଧିକ ଏବଂ ସକ୍ରିୟ ଋଣଗ୍ରହୀତାଙ୍କ ସଂଖ୍ୟା ୧.୭ କୋଟିରୁ ବୃଦ୍ଧି ପାଇ ୩.୩ କୋଟିରେ ପହଂଚିଛି । ପୋର୍ଟଫୋଲିଓ ଗୁଣବତା ମଧ୍ୟ ଉନ୍ନତ ହୋଇଛି ଯେଉଁଥିରେ ୯୦ ଦିନରୁ ଅଧିକ ସମୟ ପାଇଁ ବକେୟା ଥିବା ଡେଲିକ୍ୱେନ୍ସି ୧.୪%କୁ ହ୍ରାସ ପାଇଛି ଯାହା ଜୁନ୍ ୨୦୧୯ ଠାରୁ ସର୍ବନିମ୍ନ ସ୍ତର ଅଟେ । ଏ ସମ୍ପର୍କରେ ଟ୍ରାନ୍ସୟୁନିଅନ୍ ସିବିଲର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭାବେଶ ଜୈନ କହିଛନ୍ତି ଯେ, 'ଦୁଇଚକିଆ ଯାନଗୁଡ଼ିକ ଯୁବ ଭାରତର ପାଠପଢ଼ା, କାମ ଓ ରୋଜଗାର ସହିତ ନିବିଡ଼ ଭାବରେ ଜଡିତ । କଲେଜ ଯାଉଥିବା ଛାତ୍ର, କାମକୁ ଯାଉଥିବା ଯୁବ ପେସାଦାର କିମ୍ବା ଗିଗ୍ ଅର୍ଥନୀତି ମାଧ୍ୟମରେ ରୋଜଗାର କରୁଥିବା କିମ୍ବା ଉଦ୍ୟମିତା ସୁଯୋଗ ଅନ୍ୱେଷଣ କରୁଥିବା ବ୍ୟକ୍ତିଙ୍କ ପାଇଁ ବ୍ୟକ୍ତିଗତ ଗମନାଗମନ ବ୍ୟାପକ ସମ୍ଭାବନା ଖୋଲିପାରେ । ଦୁଇଚକିଆ ଋଣ ପଛରେ ଥିବା ଋଣଗ୍ରହୀତା ମଧ୍ୟ ବଦଳୁଛନ୍ତି । ଅଧିକ ଗ୍ରାହକ ଏକ ପ୍ରତିଷ୍ଠିତ ଋଣଇତିହାସ ସହିତ ଆସୁଛନ୍ତି ଏବଂ ବହୁ ଲୋକ ଯାନ କ୍ରୟ ପରେ ମଧ୍ୟ ବ୍ୟାପକ ଋଣ ସମ୍ପର୍କ ଗଢ଼ିବାରେ ଲାଗିଛନ୍ତି । ଦୁଇଚକିଆ ଫାଇନାନ୍ସିଂ କ୍ରମଶଃ ଏକ ଦୀର୍ଘକାଳୀନ ଗ୍ରାହକ ଯାତ୍ରାର ଏକ ଅଂଶ ହେବାରେ ଲାଗିଛି ଯାହା ପ୍ରାରମ୍ଭିକ ଗମନାଗମନ ଆବଶ୍ୟକତାଠାରୁ ବହୁ ଦୂର ପର୍ଯ୍ୟନ୍ତ ପ୍ରାସଙ୍ଗିକ ହୋଇଛି । ଯାତ୍ରୀବାହୀ ଗାଡ଼ି ଫାଇନାନ୍ସିଂ କ୍ଷେତ୍ରରେ ମଧ୍ୟ ଉଚ୍ଚ ମୂଲ୍ୟର କ୍ରୟ ଆଡ଼କୁ ଏକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଏସୟୁଭି ଓ ସୁବିଧାସୁଯୋଗରେ ପରିପୂର୍ଣ୍ଣ ଗାଡ଼ିଗୁଡ଼ିକ ପ୍ରତି ପସନ୍ଦ ଗାଡ଼ିର ମୂଲ୍ୟ ବୃଦ୍ଧି ଓ ପ୍ରିମିୟମାଇଜେସନର ଅବଦାନ ରଖିଛି ଯାହା କାର୍ ମାଲିକାନା ପାଇଁ ଫାଇନାନ୍ସିଂକୁ ଅଧିକ କେନ୍ଦ୍ରଭୂତ କରିପାରିଛି ।୨୦୨୬ର ପ୍ରଥମାର୍ଦ୍ଧରେ ହାରାହାରି ଯାତ୍ରୀବାହୀ ଗାଡ଼ି ଋଣ ପରିମାଣ ୮.୨ ଲକ୍ଷ ଟଙ୍କାରେ ପହଂଚିଛି ଯାହା ୨୦୧୯ ପ୍ରଥମାର୍ଦ୍ଧ ତୁଳନାରେ ୪୯% ଅଧିକ ଏବଂ ହାରାହାରି ପରିଶୋଧ ଅବଧି ପାଂଚ ମାସ ବୃଦ୍ଧି ପାଇ ୬୨ ମାସ ହୋଇଛି । ଘରୋଇ ବ୍ୟାଙ୍କଗୁଡ଼ିକୁ ପଛରେ ପକାଇ ଅଣ ବ୍ୟାଙ୍କିଂ ଆର୍ଥିକ କମ୍ପାନି (ଏନବିଏଫ୍‌ସି)ଗୁଡ଼ିକ ଯାତ୍ରୀବାହୀ ଗାଡ଼ି ଋଣର ସର୍ବବୃହତ୍ ଅଂଶ ୩୭% ଓ ଘରୋଇ ବ୍ୟାଙ୍କଗୁଡ଼ିକ ୨୬% ଅଂଶ ଧରି ରଖିଛନ୍ତି ଯାହା ୨୦୧୯ରୁ ୨୦୨୬ ମଧ୍ୟରେ ୪ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୬ ଜୁନ୍ ସୁଦ୍ଧା ସକ୍ରିୟ ଯାତ୍ରୀବାହୀ ଗାଡ଼ି ଋଣଗ୍ରହୀତାଙ୍କ ଆଧାର ୨.୫ କୋଟିରେ ପହଂଚିଛି ଯାହା ୨୦୧୯ ଜୁନ୍ ସ୍ତରଠାରୁ ୧.୭ ଗୁଣ ଅଟେ । ଗ୍ରାହକମାନେ ସେମାନଙ୍କ ଋଣ ଓ ଗମନାଗମନ ଯାତ୍ରା ଦ୍ୱାରା ଗଠିତ କାର୍ ମାଲିକାନା ପାଇଁ ବିଭିନ୍ନ ପଥ ଅବଲମ୍ବନ କରୁଛନ୍ତି । ଜେନ୍ ଜି ଓ ଯୁବ ମିଲେନିଆଲମାନେ ପ୍ରଥମ ଥର ପାଇଁ କାର୍ କ୍ରେତା ଏବଂ ଦୁଇଚିଆରୁ କାରକୁ ଯାଉଥିବା ଗ୍ରାହକଙ୍କ ମଧ୍ୟରେ ଅଧିକ ଦେଖାଯାଉଛନ୍ତି ଏବଂ ବୟସ୍କମାନେ ପୁନଃ କ୍ରେତା ଓ ଉଚ୍ଚମୂଲ୍ୟର ଯାନଗୁଡ଼ିକୁ ଫାଇନାନ୍ସ କରୁଥିବା ଗ୍ରାହକଙ୍କୁ ଅଧିକ ପ୍ରତିନିଧିତ୍ୱ କରୁଛନ୍ତି ।

## ଭାରତର ଏକ ନମ୍ବର ଇଭି ଏମଜି ୱିଣ୍ଡସର ଇଣ୍ଡଲ୍‌ଜ ଏଡିସନ ଶୁଭାରମ୍ଭ

**ଭୁବନେଶ୍ୱର, ୧୬।୧୦ (ନି.ପ୍ର) :** ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆ ପକ୍ଷରୁ ନୂତନ ଏମଜି ୱିଣ୍ଡସର ଇଣ୍ଡଲ୍‌ଜ ଏଡିସନର ଶୁଭାରମ୍ଭ କରାଯାଇଛି ଯାହାକି ଭାରତର ଏକ ନମ୍ବର ଇଭିଋର ଏକ ଅଧିକ ବିଳାସପୂର୍ଣ୍ଣ ସଂସ୍କରଣ ଅଟେ । ୩୮-କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍ ଦ୍ୱାରା ପରିଚାଳିତ ଏହି କାର୍ ୧୦୦ କିଲୋୱାଟ (୧୩୬ ପିଏସ) ପାୱାର ଏବଂ ୨୦୦ ଏନଏମର ଟର୍କ ପ୍ରଦାନ କରିବା ସହ ୩୩୨ କିମିରେ ପ୍ରମାଣିତ ରେ ମଧ୍ୟ ପ୍ରଦାନ କରୁଛି । ଏମଜି ୱିଣ୍ଡସର ଇଣ୍ଡଲ୍‌ଜ ଏଡିସନ ମାତ୍ର ୧୭,୯୯,୮୦୦ ଟଙ୍କା (ଏକ୍ସ-ଶୋ'ରୁମ୍) ମୂଲ୍ୟରେ ଶୁଭାରମ୍ଭ ହୋଇଛି ।

ଏହି ଅବସରରେ ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆର ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ବିନୟ ରାଇନା କହିଛନ୍ତି, 'ଏମ୍‌ଜି ୱିଣ୍ଡସର କେବଳ ଆମ ପାଇଁ ନୁହେଁ ବରଂ ଇଭି ସେଗମେଂଟ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ଅଟେ । କେବଳ ୨୪ ମାସରେ ୮୦,୦୦୦ରୁ ଅଧିକ ପରିବାର ନିକଟରେ ପହଂଚିବା ଏକ ଉଲ୍ଲେଖନୀୟ ସଫଳତା ଅଟେ ଏବଂ ଏହା ୱିଣ୍ଡସର ନିଜର ଗ୍ରାହକଙ୍କୁ ପ୍ରଦାନ କରୁଥିବା ମୂଲ୍ୟର ଏକ ପ୍ରମାଣ ଅଟେ । ଇଣ୍ଡଲ୍‌ଜ ଏଡିସନ ଗ୍ରାହକଙ୍କ ପରିବର୍ତ୍ତିତ ପସନ୍ଦ ସହ ତାଳ ଦେଇ ୱିଣ୍ଡସରକୁ ଇଭି ସେଗମେଂଟରେ ଏକ ପସନ୍ଦର ବିକଳ୍ପରେ ପରିଣତ କରିଥିବା ଗୁଣବତାଗୁଡିକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ।



ଏମଜି ୱିଣ୍ଡସର୍‌ର ଏହି ସ୍ୱତନ୍ତ୍ର ଏଡିସନରେ ଏକ ଅନନ୍ୟ ଡୁଆଲ-ଟୋନ ଏକ୍ସଟେରିୟର ସହ ବ୍ଲାକ୍ ରୁଫ୍ ଓ ଏକ ବିଳାସପୂର୍ଣ୍ଣ ସ୍ୟାଡୋ ଗୋଲ୍ଡ ବଡି କଲର ରହିଛି । ବ୍ଲାକ ଓଆରଭିଏମ, ଆର-୧୮ ବ୍ଲାକ ଆଲୟ ହ୍ୱିଲ ଓ ସି-ପିଲାରରେ ଏକ୍ସକ୍ଲୁସିଭ 'ଇଣ୍ଡଲ୍‌ଜ' ବ୍ୟାଜିଙ୍ଗ ଏହାର ପ୍ରିମିୟମ ଚରିତ୍ରକୁ ଆହୁରି ଉନ୍ନତ କରୁଛି । ଭିତର ଅଂଶରେ ଏହାର କ୍ୟାବିନ ଏକ ଏକ୍ସକ୍ଲୁସିଭ ଅର୍ବାନ ଟ୍ୟାନ ଓ ବ୍ଲାକ ଅପହୋଲଷ୍ଟେରୀ ଥିମ ଗ୍ରହଣ କରିଛି, ଯାହା ଏକ ଆରାମଦାୟକ ଓ ଅଧିକ ବିଳାସପୂର୍ଣ୍ଣ ଚରିତ୍ର ସହ ପ୍ରିମିୟମ ପରିବେଶକୁ ଉନ୍ନତ କରିଥାଏ । ଏହାର ଫ୍ରଂଟ ହେଡରେଷ୍ଟରେ ବିସ୍ପୋକ 'ଇଣ୍ଡଲ୍‌ଜ' ଏମ୍ବ୍ରୋୟଡୋରୀ ରହିଛି ଯାହା ଏହି ଏଡିସନର ସ୍ୱତନ୍ତ୍ର ପରିଚୟକୁ ଆହୁରି ସୁଦୃଢ଼ କରିଛି । ବିଜନେସ୍-କ୍ଲାସ ଅନୁଭୂତିକୁ ଅଧିକ ଉନ୍ନତ କରିବା ପାଇଁ ଏମ୍‌ଜି ୱିଣ୍ଡସର ଇଣ୍ଡଲ୍‌ଜ ଏଡିସନ ୨ୟ ଧାଡିର ଯାତ୍ରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଭାବେ 'ପ୍ରାଇଭ ସ୍କ୍ରିନ' ସହ ସୁସଜ୍ଜିତ ହୋଇଆସୁଛି, ଯାହା ପଛ ସିଟରେ ଥିବା ଯାତ୍ରୀଙ୍କ ପାଇଁ ଅତିରିକ୍ତ ସୁବିଧା ଓ ମନୋରନ ଦେଉଛି । ଏହି ପ୍ୟାକେଜକୁ ଇଣ୍ଡଲ୍‌ଜ-ଥିମ୍‌ଡ କୁଶନ ଓ ନେକ୍ ପିଲୋଗୁଡିକ ସହ ପରିପୂର୍ଣ୍ଣ କରାଯାଇଛି ଯାହା ଆରାମ ଓ ସ୍ୱତନ୍ତ୍ରତାର ଏକ ଅତିରିକ୍ତ ସ୍ତର ଯୋଗ କରିଥାଏ ।

## ଗୋଦରେଜ୍ ପ୍ରଫେସନାଲ୍ ପକ୍ଷରୁ ମାଜେଷ୍ଟି କେଶ ରଙ୍ଗ ସମ୍ଭାର ଉନ୍ମୋଚିତ

**ଭୁବନେଶ୍ୱର, ୧୬।୧୦ (ନି.ପ୍ର) :** ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ)ର ପ୍ରଫେସନାଲ୍ କେଶ ରଙ୍ଗ ବ୍ରାଣ୍ଡ୍ ଗୋଦରେଜ୍ ପ୍ରଫେସନାଲ୍ ପକ୍ଷରୁ ନୂଆ କେଶ ରଙ୍ଗ ସଂଗ୍ରହ ମାଜେଷ୍ଟିକୁ ଉନ୍ମୋଚନ କରାଯାଇଛି । ଡାଇମେନ୍‌ସନ୍‌ର ଶକ୍ତି ଓ ଗୋଦରେଜ୍ ପ୍ରଫେସନାଲ୍‌ର ବିନା ଆମୋନିଆର ରଙ୍ଗ ସହ ମାଜେଷ୍ଟି ଏହି ଉତ୍ସବ ଋତୁରେ ବଜାରକୁ ଆସିଛି ଯେତେବେଳେ ସାଲୁନରେ ଲୋକଙ୍କ ଅଧିକ ଭିଡ଼ ହୋଇଥାଏ । ରାଜକୀୟ ଐତିହ୍ୟ ଓ ମୂଲ୍ୟବାନ ରତ୍ନପଥରରୁ ଅନୁପ୍ରାଣିତ ହୋଇ ମାଜେଷ୍ଟିକୁ ରାଜୀକୟ ରଙ୍ଗ, ଭବ୍ୟତା, ଶକ୍ତିଶାଳୀ ଓ ସୌନ୍ଦର୍ଯ୍ୟକୁ ନେଇ ପ୍ରସ୍ତୁତ କରାଯାଇଛି । ଏହା ଷ୍ଟାଇଲିଷ୍ଟମାନଙ୍କୁ ତିନି ପ୍ରକାର ସେଡ୍‌ରେ କେଶକୁ ସ୍ୱତନ୍ତ୍ର ଭାବେ ରୂପାନ୍ତରିତ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି । ତାହା ହେଉଛି ଫ୍ଲୋରେନ୍ସ ଗୋଲ୍ଡ ଯାହା ହେଉଛି ଏକ ବାଦାମୀ ସୁବର୍ଣ୍ଣ ଟୋନ୍ । ଶାନ୍ତ ସମୃଦ୍ଧତା ଓ ଉଜ୍ଜ୍ୱଳତା ସହିତ ଏହା ପଲିସଡ୍ ଓ ବିଳାସପୂର୍ଣ୍ଣ ଫିନିସ୍ ପ୍ରଦାନ କରୁଛି । ସେହିପରି ରୋମାନ୍ ଏମ୍ବର ହେଉଛି ଏକ ତମ୍ବା ବାଦାମୀ ସେଡ୍ ଯେଉଁଥିରେ ତମ୍ବାର ସମୃଦ୍ଧ ଟୋନ୍ ଓ ବାଦାମୀ ରଙ୍ଗ ରହିଛି ଯାହାକୁ ପ୍ରାଚୀନ ସାମ୍ରାଜ୍ୟରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି । ଅନ୍ୟତମ ସେଡ୍ ହେଉଛନ୍ତି ପର୍ସିଆନ୍ ରୋଗ୍ ଯାହା ହେଉଛି ଏକ ଲାଲ୍ ବାଦାମୀ ସେଡ୍ ଯାହା ସହରର ଆଲୋକ ଓ ହାଇ ଫ୍ୟାସନ୍ ଗ୍ଲାମର୍‌କୁ ପ୍ରତିଫଳିତ କରୁଛି ।



ଏହାର ଶୁଭାରମ୍ଭ ଅବସରରେ ଗୋଦରେଜ୍ ପ୍ରଫେସନାଲ୍ ପକ୍ଷରୁ ଗୁଜରାଟ, ମହାରାଷ୍ଟ୍ର, ପାବ ଓ ଆସାମ ଭଳି ଚାରିଟି ରାଜ୍ୟରେ ବୈଷୟିକ ଅଧିବେଶନ ଆୟୋଜନ କରାଯାଇଥିଲା, ଯେଉଁଥିରେ କେଶ ଷ୍ଟାଇଲିଷ୍ଟ, ସାଲୁନ ପେସାଦାର ଓ ସାଲୁନ ମାଲିକମାନେ ଭାଗ ନେଇଥିଲେ । ଗୋଦରେଜ୍ ପ୍ରଫେସନାଲ୍‌ର ଜାତୀୟ ବୈଷୟିକ ମୁଖ୍ୟ ଶୈଳେଶ ମୋଲ୍ୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାରି ସହରର ୭୦୦ରୁ ଅଧିକ ପ୍ରଫେସନାଲମାନଙ୍କୁ ଅତ୍ୟାଧୁନିକ ରଙ୍ଗ ପ୍ରଦର୍ଶିତ କରାଯାଇଥିଲା ।

## ରାବଣ ପୋଡ଼ି ଓ ଭସାଣୀରେ ଜଗତସିଂହପୁର ପୌରାଞ୍ଚଳରେ ଭାରୀ ଯାନ ଚଳାଚଳ ଉପରେ କଟକଣା

ଜଗତସିଂହପୁର,(ମନ୍ଥନ) ତା. ୧୬.୧୦.୨୦୨୬: ଦଶହରା ଓ ଦୁର୍ଗାପୂଜା ଅବସରରେ ଜନସାଧାରଣଙ୍କ ସୁରକ୍ଷା ଏବଂ ଟ୍ରାଫିକ୍ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଜେ. ସୋନାଲ ମୋଟର ଯାନ ଆକ୍ଟ ୧୯୮୮ ର ଧାରା ୧୧୫ ଓ ୧୧୬ ଅନୁଯାୟୀ ଜଗତସିଂହପୁର ପୌରାଞ୍ଚଳରେ ଭାରୀ ମାଲବାହୀ ଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି ।ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ଅନୁଯାୟୀ, ୨୧ ଓ ୨୩ ଅକ୍ଟୋବର ୨୦୨୬ ତାରିଖରେ ଦିନ ୧୨ଟାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ଜଗତସିଂହପୁର ପୌରାଞ୍ଚଳ ମଧ୍ୟରେ ଭାରୀ ମାଲବାହୀ ଯାନ ଚଳାଚଳ ନିଷିଦ୍ଧ କରାଯାଇଛି। ଏହି କଟକଣାକୁ ପାଳନ କରିବା ସହ ଟ୍ରାଫିକ୍ ନିୟମ ମାନିବା ପାଇଁ ପ୍ରଶାସନ ଜନସାଧାରଣଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଭୁବନେଶ୍ୱରରେ 'ସ୍ୱଚ୍ଛତା ଉତ୍ସବ'ର ଭବ୍ୟ ଆୟୋଜନ

ଭୁବନେଶ୍ୱର, ତା ୧୬.୧୦ ରିଖ ; ରାଜଧାନୀ ଭୁବନେଶ୍ୱର ଠାରେ ପ୍ରଥମ ଥର ପାଇଁ 'ସ୍ୱଚ୍ଛତା ଉତ୍ସବ' ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ୱାର୍ଲ୍ଡ ଓଡ଼ିଶା ସୋସାଇଟି (ୱାଓସୋ) ଏବଂ ବି.ଏମ୍. ଫାଉଣ୍ଡେସନ (ବିଏମଏଫ) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶ୍ୱକୁ ଅଧିକ ସ୍ୱଚ୍ଛ ଓ ସବୁଜ କରିବା ଲକ୍ଷ୍ୟରେ ଉଭୟ ସଂଗଠନ ପକ୍ଷରୁ ହାତକୁ ନିଆଯାଇଥିବା ସ୍ୱଚ୍ଛତା ଅଭିଯାନଗୁଡ଼ିକୁ ପ୍ରମୁଖତାର ସହ ଉପସ୍ଥାପନ କରାଯାଇଥିଲା ।ଏହି ସମାବେଶରେ ଶତାଧିକ ସଂଖ୍ୟାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ସମୁଦାୟ ନେତୃବୃନ୍ଦ, ସମାଜସେବୀ, ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ସ୍ୱେଚ୍ଛାସେବୀ, ଏବଂ ୱାଓସୋ ଓ ବିଏମଏଫର ପଦାଧିକାରୀ ତଥା ସଦସ୍ୟମାନେ ପ୍ରତ୍ୟକ୍ଷ ଓ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ବିଶିଷ୍ଟ ଅତିଥି ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ଓଡ଼ିଶା ରାଜ୍ୟ ବିଜେପିର ଉପସଭାପତି ଗୋଲକ ମହାପାତ୍ର, ୱାଓସୋର ପ୍ରତିଷ୍ଠାତ୍ରୀ ଡ଼ଃ ଅରୁନ୍ଧତୀ ଦେବୀ,ମହାସଚିବ ଶିବ ରଂଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନା ଏବଂ କୁଏତ ଅଧ୍ୟାୟର ସଭାପତି ବିଶ୍ୱ ରଞ୍ଜନ ସାହୁ ମହାତ୍ମା ଗାନ୍ଧୀଙ୍କ ସମୟରୁ ଆରମ୍ଭ ହୋଇ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ପର୍ଯ୍ୟନ୍ତ ଦେଶର ସ୍ୱଚ୍ଛତା ଅଭିଯାନର ଯାତ୍ରା ଉପରେ ଆଲୋକପାତ କରିଥିଲେ ।

ମହାତ୍ମା ଗାନ୍ଧୀ ଭାରତରେ ସ୍ୱଚ୍ଛତାର ସଂସ୍କୃତିର ମୂଳଦୁଆ ପକାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଭିଯାନକୁ ଆହୁରି ଆଗକୁ ନେଇ ଏକ ଜାତୀୟ ଜନଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ସେମାନେ କହିଥିଲେ । 'ସ୍ୱଚ୍ଛ ଭାରତ, ସମୃଦ୍ଧ ଭାରତ'ର ବାର୍ତ୍ତାକୁ ଦେଶର ପ୍ରତ୍ୟେକ ଘରେ ପହଞ୍ଚାଇବାରେ ଏହି ଅଭିଯାନ ସଫଳ ହୋଇଥିବା ସେମାନେ ମତବ୍ୟକ୍ତ କରିଥିଲେ । ଏଥିସହ ସମାଜରେ ସ୍ୱଚ୍ଛତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଦିଗରେ ୱାଓସୋ ଓ ବିଏମଏଫର ନିଷ୍ଠାପର ଉଦ୍ୟମକୁ ଅତିଥିମାନେ ଉଚ୍ଚ ପ୍ରଶଂସା




କରିଥିଲେ ।ସ୍ୱାଗତ ଭାଷଣ ପ୍ରଦାନ କରି ୱାଓସୋ ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଦିଗରେ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ବିଏମଏଫର ଅଧ୍ୟକ୍ଷ ଡକ୍ଟର ବ୍ରଜ ପଣ୍ଡା ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତାର ଉପଯୋଗିତା, ଆବଶ୍ୟକତା ଓ ଉପକାରିତାକୁ ପ୍ରଚାର, ପ୍ରସାର ଏବଂ ଲୋକପ୍ରିୟ କରିବା 'ସ୍ୱଚ୍ଛତା ଉତ୍ସବ'ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନିଜ ବକ୍ତବ୍ୟରେ ଦର୍ଶାଇଥିଲେ ।ଏହି ଅବସରରେ ଅତିଥି ଓ ଅଂଶଗ୍ରହଣକାରୀମାନେ ସ୍ୱଚ୍ଛତାର ଶପଥ ଗ୍ରହଣ କରିଥିଲେ । ସେମାନେ ସ୍ୱାସ୍ଥ୍ୟକର ଓ ପରିଚ୍ଛନ୍ନ ଜୀବନଶୈଳୀ ଅନୁସରଣ କରିବା, ସର୍ବସାଧାରଣ ସ୍ଥାନଗୁଡ଼ିକୁ ସଫା ରଖିବା, ସବୁଜ ପରିବେଶର ସୁରକ୍ଷା କରିବା ଏବଂ ବୈଦ୍ୟୁତିକ ବର୍ଜ୍ୟବସ୍ତୁର ସୁରକ୍ଷିତ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ସଂକଳ୍ପ ନେଇଥିଲେ ।ସମାଜରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ପରିବେଶକୁ ପରିଚ୍ଛନ୍ନ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ସବରେ ଗୋଟିଏ ଅନୁଷ୍ଠାନ ଓ ୧୭ ଜଣ ବ୍ୟକ୍ତିବିଶେଷଙ୍କୁ 'ସ୍ୱଚ୍ଛତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।ସମ୍ମାନିତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କ ମଧ୍ୟରେ ହର୍ଲ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶିବ ପ୍ରସାଦ ମହାନ୍ତି, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଉତ୍କଳ ଗ୍ରୁପ୍‌ର ଅଧ୍ୟକ୍ଷ ସୁରେଶ ମିଶ୍ର, ଆଇଏମଟି ପୁରୀର ନିର୍ଦ୍ଦେଶକ ମନୋଜ ରଥ, ରୋଟାରୀର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ବିଶିଷ୍ଟ ଶିଳ୍ପଦ୍ୟୋଗୀ ପ୍ରଦ୍ୟୁମ୍ନ ଜେନା, କେନ୍ଦୁଝରର ବିଡିଓ ରାଜା ରଣଜିତ ପ୍ରତାପ ବଳ, ରୁଟ୍ସ ଅଫ୍ ଓଡ଼ିଶା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୁଧୀର କୁମାର ଦାଶ, ଭୁବନେଶ୍ୱର ସିଜିଏଚଏସ ର ସିଏମଓ ଡକ୍ଟର ସନ୍ତୋଷ କୁମାର ସାହୁ, ଉଦ୍ୟୋଗପତି ପ୍ରିୟରଞ୍ଜନ ପଟ୍ଟନାୟକ, କେୟାର ସିକ୍ୟୁରିଟିର ପ୍ରତିଷ୍ଠାତା ମହେଶ୍ୱର ମହାନ୍ତି, ଲୁମିନସ ଇନ୍‌ଫୋୱେଜ , କାନନ ବିହାର ଲେଡିଜ୍ ଫୋରମ୍‌ର ସଭାପତି ସୁଭଶ୍ରୀ ଦାସ, ଭୁବନେଶ୍ୱର ସ୍ୱଶାଲ୍ ସର୍କିଟ୍ ହାଉସ୍‌ର ପରିଚାଳକ ଅରକ୍ଷିତ ମଲ୍ଲିକ, କୋରାପୁଟ ସର୍କିଟ୍ ହାଉସ୍‌ର ପରିଚାଳକ ପ୍ରମୋଦ କୁମାର ସାବତ, ବିଏମସି ୱାର୍ଡ ନଂ. ୨୩ର କର୍ପୋରେଟର କିରଣବାଳା ମାଝୀ, ବିଶାଖାପାଟଣା ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜୀତେନ୍ଦ୍ର କୁମାର ନାୟକ ଏବଂ ଯୁବ ସମାଜସେବୀ ପ୍ରବୋଧ ସାମନ୍ତରା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । କାର୍ଯ୍ୟକ୍ରମ ଶେଷରେ ବି.ଏମ୍. ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସମ୍ପାଦିକା ମୀରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ମିଶି କୁଇନ ପଣ୍ଡା ସୁଚାରୁ ରୂପେ ସଂଚାଳନା କରିଥିଲେ ।

ନନ୍ଦନ ଦ୍ୱିବେଦୀ ଡିଜିଟାଲ ନିୟନ୍ତ୍ରଣ କକ୍ଷକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ନିଜର ଅନେକ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।

## ଆଇସିଏଆର୍-ଆଇଆଇଏସ୍‌ଡବ୍ଲ୍ୟୁସି, ଆଞ୍ଚଳିକ କେନ୍ଦ୍ର, ମହିଳା କୃଷକ ଦିବସ



କୋରାପୁଟ-ତା-୧୬/୧୦-(ନିପ୍ର)-ଆଇସିଏଆର୍-ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରତିଷ୍ଠାନ ଆଞ୍ଚଳିକ କେନ୍ଦ୍ର, କୋରାପୁଟ ପକ୍ଷରୁ ଅନୁସୂଚିତ ଜାତି ଉପଯୋଜନା ଅଧୀନରେ କୃଷକ ଦିବସ ପାଳିତ ହୋଇ ଯାଇଛି, ସେହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଲେଙ୍ଗିକୁଣ୍ଡୁଲି ଗ୍ରାମର ପ୍ରାୟ ୬୦ ଜଣ ଆଦିବାସୀ କୃଷକ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ବି. ଏସ୍. ନାଏକ ଉଦଘାଟନ କରିଥିଲେ ଓ ନିଜର ବକ୍ତବ୍ୟରେ ସେ ମହିଳାମାନଙ୍କ ଗୁରୁତ୍ୱ ଏବଂ କୃଷି କ୍ଷେତ୍ରରେ ସେମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ସେ ମହିଳା କୃଷକମାନଙ୍କୁ କୃଷି ଶିକ୍ଷା, ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା, ଋଣ ସୁବିଧା ଓ ବଜାର ବ୍ୟବସ୍ଥା ସହିତ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିସହିତ, ସେମାନଙ୍କୁ ସ୍ଥାୟୀ କୃଷି ପଦ୍ଧତି ଆପଣାଇବା ସହ କୃଷି ଉଦ୍‌ଯୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ଉତ୍ସାହିତ କରିଥିଲେ !

## ବରିଷ୍ଠ ସାମ୍ବାଦିକ ହଳଧର ଧୀର ଅସୁସ୍ଥ



ବାଙ୍ଗାଲୋର,୧୬।୧୦: ରାଜଧାନୀର ବରିଷ୍ଠ ସାମ୍ବାଦିକ ହଳଧର ଧୀର ପୁର୍ନବାର ହୃଦରୋଗରେ ଆକ୍ରାନ୍ତ ହୋଇ ବାଙ୍ଗାଲୋର ନାରାୟଣ ହୃଦୟା ଲୟ ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଧର୍ମ ପନ୍ତୀ ବାସନ୍ତୀ ଧିର ମଧ ଏହି ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି । ଅନେକ .ଆତ୍ମୀୟ. ଶୁଭେଚ୍ଛୁ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଗଣତନ୍ତ୍ରର ବିଜୟ, ଛାତ୍ର ସମାଜର ବିଜୟ : ବିଜେପି

ଭୁବନେଶ୍ୱର,୧୬।୧୦: ଗତ ବିଜେଡି ସରକାର ଅମଳରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିଲା । ଛାତ୍ର ସମାଜ ଭିତରୁ ନେତୃତ୍ୱ ବିକାଶର ବାଟକୁ ବନ୍ଦ କରି ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିଥିଲେ ପୂର୍ବତନ ବିଜେଡି ସରକାର । ଏନେଇ ଭାରତୀୟ ଜନତା ପାର୍ଟି ଗତ ନିର୍ବାଚନ ସମୟରେ ତାର ସଂକଳ୍ପ ପତ୍ରରେ ସଂକଳ୍ପ ନେଇଥିଲା ଯେ, ଭାରତୀୟ ଜନତା ପାର୍ଟି ଯେତେବେଳେ ଓଡ଼ିଶାବାସୀଙ୍କର ସେବା କରିବା ପାଇଁ ସୁଯୋଗ ପାଇବ, ସେତେବେଳେ ଛାତ୍ର ସଂସଦର ନିର୍ବାଚନ କରିବ । ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସରକାର ଆସିଲା ପରେ ଉକ୍ତ ସଂକଳ୍ପପତ୍ର ଆଧାରରେ ଛାତ୍ରମାନଙ୍କ ଦୀର୍ଘଦିନର ଦାବି ପୂରଣ କରିଛି । ସେମାନଙ୍କୁ ତାଙ୍କ ଅଧିକାର ପ୍ରଦାନ କରାଯାଇଛି । ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ପୁନର୍ବାର ସଫଳତାର ସହ ଛାତ୍ର ସଂସଦ ନିର୍ବାଚନ ଗତକାଲି ସଂପୂର୍ଣ୍ଣ ହୋଇଛି । ଏହା କେବଳ ମହାବିଦ୍ୟାଳୟର ନିର୍ବାଚନ ନୁହେଁ, ବରଂ ଏହା ହେଉଛି ପ୍ରକୃତ ଗଣତନ୍ତ୍ରର ବିଜୟ ଏବଂ ରାଜ୍ୟର ଛାତ୍ର ସମାଜର ବିଜୟ । ଏହି ସଫଳ ନିର୍ବାଚନ ରାଜ୍ୟର ଛାତ୍ର ସମାଜ ମଧ୍ୟରେ ଏକ ନୂତନ ଉତ୍ସାହ ଏବଂ ଆଶା ସଂଚାର କରିଛି । ନିର୍ବାଚିତ ହୋଇଥିବା ସମସ୍ତ ଛାତ୍ର ପ୍ରତିନିଧିଙ୍କୁ ବିଜେପିର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । କ୍ୟାମ୍ପସଗୁଡ଼ିକରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନେତୃତ୍ୱ ଗଠନର ଏହି ମହାନ ପରମ୍ପରାକୁ ପୁନର୍ଜୀବିତ କରିଥିବାରୁ ରାଜ୍ୟ ବିଜେପି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସରକାରଙ୍କୁ ଅନ୍ତରରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।ଏହି ନିର୍ବାଚନ କେବଳ ଏକ ପ୍ରକ୍ରିୟା ନ ଥିଲା ବରଂ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଥିଲା ଏକ ମହାନ ଗଣତାନ୍ତ୍ରିକ ପର୍ବ । ଆଜିର ଛାତ୍ର କାଲି ନେତୃତ୍ୱ ନେବ । ସେମାନେ ଓଡ଼ିଶାର ଓ ଭାରତବର୍ଷର ଭବିଷ୍ୟତ ।ସେହି ନେତୃତ୍ୱ ନେବାର ଶିକ୍ଷା ଛାତ୍ର ସଂସଦ ନିର୍ବାଚନରୁ ମିଳିଥାଏ ଏବଂ ଛାତ୍ର ସଂସଦ ନିର୍ବାଚନରୁ ବିଜୟୀ ହେଲା ପରେ କଲେଜର ବା ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟମାନଙ୍କର ବିକାଶରେ ମଧ୍ୟ ସେମାନେ ସହଭାଗୀ ହେଇଥାନ୍ତି । ଛାତ୍ରମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ସେମାନେ ସବୁବେଳେ ଚେଷ୍ଟା କରିଥାନ୍ତି । ସେ କାର୍ଯ୍ୟ ଦୀର୍ଘଦିନ ହେବ ବନ୍ଦ ଥିଲା ।



## ସୁନାବେଡ଼ା ପୌରପାଳିକାରେ ପ୍ରଥମ ଥର ପାଇଁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋରାପୁଟ -ତା-୧୬/୧୦- ସୁନାବେଡ଼ା ପୌରପାଳିକା ଅଞ୍ଚଳରେ ପ୍ରଥମ ଥର ପାଇଁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମୂକ ,




ସୁନାବେଡା ପ୍ରେସ କ୍ଲବନିକଟ ମୂକ ,ବଧିର ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୌରଅଧ୍ୟକ୍ଷ ଡଃ. ରାଜେନ୍ଦ୍ର କୁମାର ପାତ୍ର, ସମ୍ମାନିତ ଅତିଥି ନିର୍ବାହି ଅଧିକାରି ସୁଜିତ କୁମାର ଚୌଧୁରି, କୋରାପୁଟ ବିଧାୟକ ପ୍ରତିନିଧି ବଦ୍ରୀନାରାୟଣ ପାତ୍ର ଓ ମନୋଜ ସୁନା କାଉନ ସିଲର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇ ଥିବା ନେଇ ମୁଖ୍ୟ ଅତିଥି ନିର୍ବାହି ଅଧିକାରି ପ୍ରଶଂସା କରିଥିଲେ ! ସେ ଖିଥିଲେ ଯେ, ଏହି କାର୍ଯ୍ୟକ୍ରମରେ ଭିନ୍ନ କ୍ଷମ ବ୍ୟକ୍ତି ସରକାରି ସୁବିଧା ପାଇବା ସହିତ ସେମାନ ଜୀବନ ବଞ୍ଚିବାର ଏକ ଦିଗ ଦର୍ଶନ ମଧ ହେବ ଓ ନିର୍ବାହି ଅଧିକାରିଏହି ଶିବିର ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା ଓ ସହାୟତା ଯୋଗାଇଦେବା ସହ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯାଇଛି କହିଥିଲେ ! କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତିମାନେ ନିଜର ପରିଚୟ ପତ୍ର ପାଇବା ନେଇ ଉପସ୍ଥିତ ରହିଥିଲେ ! ସବୁ ଠାରୁ ଅଧିକମାତ୍ରାରେ ସିକିଲ୍ ସେଲ୍ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଥିଲା ! କାର୍ଯ୍ୟକ୍ରମକୁ ଲକ୍ଷ୍ମିଧର ମହାପାତ୍ର ପରିଚାଳନା କରିବା ସହ ମୁନିସପାଲଟିର ସମସ୍ତ ବିଭାଗର କର୍ମଚାରିମାନେ ସହଯୋଗ କରିଥିଲେ !

ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଆବଶ୍ୟକତା ଅନୁଯାୟୀ ଚିକିତ୍ସା ସମ୍ବନ୍ଧୀୟ ପରୀକ୍ଷା, ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇଁ ଆବଶ୍ୟକୀୟ ପ୍ରକ୍ରିୟା ଗ୍ରହଣ କରାଯାଇଥିବା ଆଶା କରାଯାଉଛି । ଏପରି ଶିବିର ଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଦୂରଦୂରାନ୍ତକୁ ଯାଇ ସରକାରୀ ସେବା ପାଇବାର ଅସୁବିଧା କମିବା ସହ ସେମାନେ ନିଜର ଅଧିକାର ଓ ସୁବିଧା ସମ୍ପର୍କରେ ଅବଗତ ହୋଇପାରିବେ ।ସୁନାବେଡ଼ା ପୌରପାଳିକାରେ ପ୍ରଥମ ଥର ପାଇଁ ଏହି ଶିବିର ଆୟୋଜନ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଭିନ୍ନକ୍ଷମ ବ୍ୟକ୍ତି ଓ ସେମାନଙ୍କ ପରିବାର ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭବିଷ୍ୟତରେ ମଧ ଏଭଳି ଶିବିର ନିୟମିତ ଭାବେ ଆୟୋଜନ କରି ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।ଟିପ୍ପଣୀ: ଶିବିରର ତାରିଖ, ଉପସ୍ଥିତ ଅଧିକାରୀଙ୍କ ନାମ, ମୋଟ ହିତାଧିକାରୀଙ୍କ ସଂଖ୍ୟା ଏବଂ କେଉଁ କେଉଁ ସୁବିଧା ଦିଆଯାଇଛି ତାହା ଜଣାଇଲେ ଏହି ଖବରକୁ ଅଧିକ ସଠିକ୍ ଓ ସମ୍ପୂର୍ଣ୍ଣ ଖବରକାଗଜ ଶୈଳୀରେ ପ୍ରସ୍ତୁତ କରିଦେବି ।

## ସୋଆ ଛାତ୍ରଛାତ୍ରୀଙ୍କ ବାଜିମାତ୍

ଭୁବନେଶ୍ୱର : ଆଇଆଇଟି (ବିଏଚ୍‌ୟୁ) ବାରଣାସୀ ଦ୍ୱାରା ଆୟୋଜିତ ବାର୍ଷିକ କ୍ରୀଡା ମହୋତ୍ସବ 'ସ୍ପର୍ଦ୍ଧା ୨୦୨୬'ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ମହିଳା ବିଭାଗ ଉଭୟ କବାଡି ଓ ବାସ୍କେଟବଲରେ ସୋଆ ଦଳ ଚମ୍ପିଅନ ହୋଇଛନ୍ତି । ମହିଳା କବାଡି, ବାସ୍କେଟବଲ ଦଳ ଚମ୍ପିଅନ, ପୁରୁଷ ଖୋ ଖୋ, କବାଡି ଦଳ ରନର୍ସଅପ୍, ମହିଳା ଖୋ ଖୋ ଦଳ ତୃତୀୟ ହୋଇଥିବା ବେଳେ ଉନ୍ନତ ପ୍ରଦର୍ଶନ ପାଇଁ ସୋଆକୁ 'ବେଷ୍ଟ ଆଉଟ୍‌ଷ୍ଟେସନ' ଦଳ ପୁରସ୍କାର ପ୍ରଦାନ କରାଯାଇଛି । ଛାତ୍ରଛାତ୍ରୀଙ୍କର ଏହି ସଫଳତା ନିମନ୍ତେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆନନ୍ଦ ବ୍ୟକ୍ତ କରିଛନ୍ତି ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ବାରଣାସୀରୁ ଫେରିବା ପରେ ଛାତ୍ରଛାତ୍ରୀମାନେ ଗୁରୁବାର ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତା ଚଳିତ ଅକ୍ଟୋବର୯ ତାରିଖରୁଆରମ୍ଭ ହୋଇ ୧୨ ତାରିଖରେ ଉଦ୍‌ଯାପିତ ହୋଇଥିଲା ।

## ସମ୍ ହସ୍ପିଟାଲରେ ନବଜାତ ଶିଶୁର ଜୀବନ ରକ୍ଷା

ଭୁବନେଶ୍ୱର, ,୧୬।୧୦(ନିପ୍ର):ତ୍ୱରିତ ରୋଗ ନିରୂପଣ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ସମୟୋଚିତ ଚିକିତ୍ସା ଯୋଗୁଁ ଏକ ନବଜାତ ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଚିକିତ୍ସକମାନେ ।ଖୋର୍ଦ୍ଧାରେ ଜନ୍ମ ଗ୍ରହଣ କରିଥିବା ଏହି ଶିଶୁଟି ଜନ୍ମର ମାତ୍ର ୮ ଘଂଟା ପରେ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିବାରୁ ଚିକିତ୍ସା ପାଇଁ ସମ୍ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲର ନବଜାତ ଶିଶୁ ଗୁରୁତର ଚିକିତ୍ସା ବିଭାଗ (ଏନ୍‌ଆଇସିୟୁ)ରେ ଭର୍ତ୍ତି ହେବା ପରେ ଶିଶୁଟିର ରକ୍ତଚାପ ହ୍ରାସ ପାଇଥିଲା । ରକ୍ତଚାପକୁ ସ୍ୱାଭାବିକ କରିବା ପାଇଁ ଏକାଧିକ ଔଷଧର ଆବଶ୍ୟକତା ପଡ଼ିଥିଲା । ଏହି ସମୟରେ କରାଯାଇଥିବା ୨ଡି ଇକୋକାର୍ଡିଓଗ୍ରାଫିରୁ ହୃତ୍‌ପିଣ୍ଡର ସଙ୍କୋଚନ କ୍ଷମତା ଦୁର୍ବଳ ଥିବା ଏବଂ ମହାଧମନୀ ଭାଲ୍‌ଭରେ ଗୁରୁତର ସଂକୋଚନ (କ୍ରିଟିକାଲ୍ ଏଓର୍ଟିକ୍ ଷ୍ଟେନୋସିସ୍) ଥିବା ଜଣାପଡ଼ିଥିଲା ।

ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ ଏହି ଶିଶୁର ଚିକିତ୍ସାରେ ନିୟୋଜିତ ଡାକ୍ତରୀ ଦଳକୁ ସେମାନଙ୍କ ଉତ୍କୃଷ୍ଟ ସମନ୍ୱୟ ଓ ଉନ୍ନତ ରୋଗୀସେବା ପାଇଁ ଅଭିନନ୍ଦନ ଜଣାଇଥିଲେ । ପ୍ରଫେସର (ଡାକ୍ତର) ସୌମ୍ୟ ରଞ୍ଜନ ମହାପାତ୍ର ଏବଂ ଆସୋସିଏଟ୍ ପ୍ରଫେସର ଡାକ୍ତର ଜ୍ଞାନରଞ୍ଜନ ନାୟକ ହୃଦ୍‌ରୋଗ ସମ୍ବନ୍ଧୀୟ ଚିକିତ୍ସା ପଦ୍ଧତି ସଂପାଦନ କରିଥିବା ବେଳେ ପ୍ରଫେସର (ଡାକ୍ତର) ଅନୁସ୍ୱନ୍ଦନା ମହାପାତ୍ର ଇକୋକାର୍ଡିଓଗ୍ରାଫି କରିଥିଲେ । ଏହି ଶିଶୁର ଚିକିତ୍ସାରେ ପ୍ରଫେସର (ଡାକ୍ତର) ରତନ କୁମାର ଦାସ, ପ୍ରଫେସର (ଡାକ୍ତର) ଭବଗ୍ରାହୀ ମଲ୍ଲିକ, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ସୁଦୀପ୍ତ ସାହୁ, ଡାକ୍ତର ସୀତିକାନ୍ତ ନାୟକ, ଡାକ୍ତର ଶ୍ରୁତିପ୍ରଜ୍ଞା କର, ଡାକ୍ତର କଳ୍ପିତା ସାହୁ, ଡାକ୍ତର ଅଦ୍ୟାଶା କାନୁନ୍‌ଗୋ, ଡାକ୍ତର ସୁରେଶ ତ୍ରିପାଠୀ, ଡାକ୍ତର ଶୁଭଲକ୍ଷ୍ମୀ ସାହୁ, ଡାକ୍ତର ସାରଥ ଚନ୍ଦ୍ରିକା ଏବଂ ଡାକ୍ତର ପୁଜିଆ ସାମିଲ ଥିଲେ ।

## ଦୀନକୃଷ୍ଣ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସଭାପତି ରୂପେ ଶତ୍ରୁଘ୍ନ ପାଲ ଓ ସମ୍ପାଦିକା ରୂପେ ବର୍ଷାରାଣୀ ବାରିକ ନିର୍ବାଚିତ

ଜଳେଶ୍ୱର,୧୬।୧୦(ନିପ୍ର): ଉତ୍ତର ବାଲେଶ୍ୱର ଅଞ୍ଚଳର ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସଭାପତି ରୂପେ ଶତ୍ରୁଘ୍ନ ପାଲ(ବି.ସି. ଜେ.ଡି),ଉପ ସଭାପତି ରୂପେ ସଞ୍ଜୀବ ସିଂ( ଏ.ବି.ଭି.ପି), ସଂପାଦିକା ରୂପେ ବର୍ଷାରାଣୀ ବାରିକ(ଏ.ବି.ଭି.ପି),ସହ ସମ୍ପାଦକ ରୂପେ ସୁବ୍ରତ ଖଟୁଆ(ଏ.ବି.ଭି.ପି) ନିର୍ବାଚିତ ହୋଇଛନ୍ତି ।ସେହିପରି ନାଟ୍ୟ ସଂସଦ ସଭାପତି ରୂପେ ଧର୍ମପଦ ମହାନ୍ତି(ବି.ସି. ଜେ.ଡି),ସହ ସମ୍ପାଦକ ରୂପେ ଶ୍ରାବଣୀ ଜେନା(ଏ.ବି.ଭି.ପି),କ୍ରୀଡା ସଂସଦ ସମ୍ପାଦକ ରୂପେ ନନ୍ଦନ କୁମାର ଦେ(ଏ.ବି.ଭି.ପି),ସହ ସମ୍ପାଦକ ରୂପେ ସିଦ୍ଧାର୍ଥ ପାତ୍ର( ଏ.ବି.ଭି.ପି) ରୂପେ ନିର୍ବାଚିତ ହୋଇଛନ୍ତି ।ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଡ଼ା ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜଳେଶ୍ୱର ଅତିରିକ୍ତ ତହସିଲଦାର ସରୋଜ ନାୟକ, ,ଜଳେଶ୍ୱର ଥାନା ଆଇ. ଆଇ.ସି ଅଶୋକ କୁମାର ବାରିକ ଓ ଅନ୍ୟ ପୋଲିସ ଅଧିକାରୀ ମାନେ ପ୍ରମୁଖ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଉପସ୍ଥିତ ଥିଲେ ।ଆଜି ଏହି କାର୍ଯ୍ୟକ୍ରମକୁ ନିର୍ବାଚନ ଅଧିକାରୀ ପ୍ରାଧ୍ୟାପକ ସନ୍ନ୍ୟାସୀ ଚରଣ ପାତ୍ର, ଡ. ମାନସ କୁମାର ଦାଶ ଓ ଡ. ଦୀପକ ସେନାପତି ଏବଂ ପ୍ରଭାରୀ ପ୍ରାଧ୍ୟାପକ ପ୍ରଦୀପ ରାଉଳ ଓ ଡ. ସୁଶାନ୍ତ କୁମାର ଗିରି ପ୍ରମୁଖ ସମେତ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ ।




## ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଦୃଷ୍ଟିରେ ରଖି ଭାରୀଯାନ ଚଳାଚଳ ଓ ପାର୍କିଂ କଟକଣା

ଜଗତସିଂହପୁର,(ମନ୍ଥନ) : ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତା କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଜେ ସୋନାଲ ମୋଟର ଯାନ ଆକ୍ଟ ୧୯୮୮ ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀ ଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି । ଜଗତସିଂହପୁର ପୌର ପରିଷଦ ଅଧୀନରେ ଭାରୀ ଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ସାଧାରଣ ଜନତା ଙ୍କ ଯାତାୟତ ଅସୁବିଧା କୁ ଦୃଷ୍ଟି ରେ ରଖି ସକାଳ ୮ ଘଟିକା ରୁ ସକାଳ ୧୧ ଘଟିକା ଏବଂ ଅପରାହ୍ନ ୩ ଘଟିକା ରୁ ସଂଧ୍ୟା ୭ ଘଟିକା ପର୍ଯ୍ୟନ୍ତ ପୌରାଂଚଳ ରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣା ର କାରଣ ପାଲଟିଛି । ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ ଘଟିକା ରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି । ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକ ରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ଜିଲ୍ଲା ର ରାଜ୍ୟ ରାଜପଥ-୧୨ ରେ କଟକଣା ଲାଗୁ କରାଯାଇଛି । ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧିନସ୍ଥ ପୋଲିସ ଷ୍ଟେସନ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ ରୁମ ପର୍ଯ୍ୟନ୍ତ ଏବଂ ପୋଲିସ ଷ୍ଟେସନ ଛକର ବାମ ପାର୍ଶ୍ୱ ରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ବସ୍ ଷ୍ଟାଣ୍ଡ ରୁ ମେଡିକାଲ ଏବଂ ପୋଲିସ୍ ଷ୍ଟେସନ୍ ଛକ ରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଙ୍ଗ କଟକଣା ଜାରି କରିଛନ୍ତି । ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀ ର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ଭାରୀ ଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ଅନ୍ୟପକ୍ଷେ ପାରାଦ୍ୱୀପ ର ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀ ଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା କୁ ଦୃଷ୍ଟି ରେ ରଖି ଏହାକୁ ' ନୋ ପାର୍କିଂ 'ଜୋନ୍ ଘୋଷଣା କରାଯାଇଛି । ସେହିପରି ଅଏଲ ଟର୍ମିନାଲ ଠାରୁ କାର୍ଗିଲ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ତୈଳ ଶୂନ୍ୟ ଅଏଲ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ ଜଙ୍କସନ୍ ଦେଇ ପିପିଏଲ ଛକ ବାଟେ ପ୍ରସ୍ଥାନ କରିବେ । ଏହି ସମସ୍ତ କଟକଣା ଗୁଡ଼ିକ ଜିଲ୍ଲାରେ ତା ୧୦.୧୧.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଘନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା

ରାୟଗଡ଼ା,୧୬।୧୦:ସ୍ୱଚ୍ଛତା ପକ୍ଷ ପାଳନର ଅଂଶସ୍ୱରୂପ, ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଏହାର ପରିସୀମା ମଧ୍ୟରେ ଘନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ (ଝଡଗ ଜଙ୍କଷରସ୍ପ), ୨୦୨୬ ସମ୍ପର୍କରେ ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱଚ୍ଛତାର ପ୍ରସାର, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶର ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ।

ଏହି କାର୍ଯ୍ୟକ୍ରମ ଅବସରରେ ସଫେଇ କର୍ମଚାରୀମାନଙ୍କୁ (ସଫାଇ ମିତ୍ର) ଝଡଗ ନିୟମାବଳୀ, ୨୦୨୬ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ବୁଝାଇବା ସହ ସଚେତନ କରାଯାଇଥିଲା । ବିଶେଷକରି ଉତ୍ସସ୍ଥଳରେ ଘନ ବର୍ଜ୍ୟବସ୍ତୁକୁ ଚାରୋଟି ବର୍ଗରେ ପୃଥକୀକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବର୍ଗଗୁଡ଼ିକ ହେଉଛି — ଓଦା ବର୍ଜ୍ୟବସ୍ତୁ, ଶୁଖିଲା ବର୍ଜ୍ୟବସ୍ତୁ, ସାନିଟାରୀ ବର୍ଜ୍ୟବସ୍ତୁ ଏବଂ ବିଶେଷ ଯତ୍ନ ଆବଶ୍ୟକ କରୁଥିବା ବର୍ଜ୍ୟବସ୍ତୁ ।ନିର୍ଦ୍ଧାରିତ ନିୟମ ଅନୁଯାୟୀ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ସଂଗ୍ରହ ଓ ବୈଜ୍ଞାନିକ ନିଷ୍କାସନ ସୁନିଶ୍ଚିତ କରି ଏକ ସ୍ୱଚ୍ଛ ଓ ସୁସ୍ଥ ରେଳ ପରିବେଶ ଗଠନରେ ସହଯୋଗ କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା ।ଏହି ସଚେତନତା ଅଭିଯାନର ଅଂଶସ୍ୱରୂପ ରାୟଗଡ଼ା ରେଳ ମଣ୍ଡଳର ବିଭିନ୍ନ ସ୍ଥାନରେ ରେଳ ଜନ ସମ୍ବାଦ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀ ଓ ସାଧାରଣ ଜନତାଙ୍କୁ ରେଳ ଷ୍ଟେସନ ତଥା ଅନ୍ୟାନ୍ୟ ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ଉତ୍ସସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣ କରିବା, ଏଣେତେଣେ ଆବର୍ଜନା ନ ପକାଇବା ଏବଂ ଉପଯୁକ୍ତ ପଦ୍ଧତିରେ ବର୍ଜ୍ୟବସ୍ତୁ ନିଷ୍କାସନ କରିବା ସମ୍ପର୍କରେ ସଚେତନ କରାଯାଇଥିଲା ।ଏହି ପଦକ୍ଷେପ ସ୍ୱଚ୍ଛତା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ସହ ସ୍ୱଚ୍ଛ, ସୁସ୍ଥ ଓ ପରିବେଶ ଅନୁକୂଳ ରେଳ ପରିସର ଗଠନରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ୧ ଏପ୍ରିଲ ୨୦୨୬ରୁ କାର୍ଯ୍ୟକାରୀ ହୋଇଥିବା ଘନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ, ୨୦୨୬ରେ ଉତ୍ସସ୍ଥଳରେ ବର୍ଜ୍ୟବସ୍ତୁର ପୃଥକୀକରଣ, ସମ୍ପଦର ପୁନରୁଦ୍ଧାର ଏବଂ ପରିବେଶ ଅନୁକୂଳ ପଦ୍ଧତିରେ ବର୍ଜ୍ୟବସ୍ତୁ ପରିଚାଳନା ଓ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଇଛି ।ରାୟଗଡ଼ା ରେଳ ମଣ୍ଡଳ ସ୍ୱଚ୍ଛତା ପକ୍ଷର ଉଦ୍ଦେଶ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇବା ସହ ରେଳ କର୍ମଚାରୀ, ସଫାଇ ମିତ୍ର, ଯାତ୍ରୀ ଓ ସାଧାରଣ ଜନତାଙ୍କୁ ଏକ ସ୍ୱଚ୍ଛ, ସବୁଜ ଓ ସ୍ଥାୟୀ ରେଳ ବ୍ୟବସ୍ଥା ଗଠନ ଦିଗରେ ସମୂହ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ